୧୫ ଜୁନ୍ ୨୦୨୫ ରବିବାର









# ରଜ



**ଓଡ଼ିଶାର ଗଣପର୍ବ ଭାବେ ପରିଚିତ ରଜ । ତିନିଦିନଧରି ଏହି ପର୍ବକୁ ସହର ଠାରୁ ଗାଁ ସବୁସ୍ଥାନରେ ପାଳନ ହୋଇଥାଏ । ବେଶ୍ ହର୍ଷ ଓ ଉଲ୍ଲାସରେ ସମସ୍ତେ ଏହାକୁ ଉପଭୋଗ କରନ୍ତି । ତେବେ ରଜ ପର୍ବ ପାଳନର ଅନେକ ନିୟମ ମଧ୍ୟ ରହିଛି ।**

# ବହୁପୁରୁଣା ପରମ୍ପରା

ରଜ ଓଡ଼ିଶାର ଏକ ପାରମ୍ପରିକ ପର୍ବ ଓ ଗଣପର୍ବ । ଏହାର ଦ୍ୱିତୀୟ ଦିନରେ ମିଥୁନ ମାସର ଆରମ୍ଭ ଓ ଏହା ପରେ ବର୍ଷା ଋତୁ ଆରମ୍ଭ ହୁଏ । ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିବସ ହେଉଛି ରଜ ସଂକ୍ରାନ୍ତି, ତୃତୀୟ ଦିବସ ହେଉଛି ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିବସ ହେଉଛି ବସୁମତୀ ସ୍ନାନ ଭାବେ ପାଳନ କରାଯାଇଥାଏ । ଏହାକୁ କୃଷକଙ୍କର ପର୍ବ ବୋଲି ମଧ୍ୟ ବିବେଚନା କରାଯାଇଥାଏ । ଏହା ଚାଷର ଆରମ୍ଭକୁ ସୂଚାଇଥାଏ । ରଜ ଶବ୍ଦର ଆକ୍ଷରିକ ଅର୍ଥ ରଜବତୀ ହେବା, ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରଜସ୍ୱଳା ହେବାର ଓ ନୂଆ ଶସ୍ୟ ଜନ୍ମ ହେବାର ସାଙ୍କେତିକ ଭାବ ବହନ କରିଥାଏ । ଏହି ଦିନରେ ଚାଷୀମାନେ ବସୁମତୀ ତଥା ହଳଲଙ୍ଗଳ ପୂଜନ କରିବା ସହ ଚାଷ କାମରୁ ତିନି ଦିନ ପାଇଁ ବିରତି ନେଇଥାନ୍ତି । ରଜରେ ପୋଡ଼ ପିଠା ଓ ପାନ ଖିଆ ସହିତ ଝିଅମାନଙ୍କ ରଜ ଦୋଳି ଓ ପୁଚି ଖେଳ ସହ ପୁଅମାନଙ୍କ ଲୁଡୁ, ତାସ, ବାଗୁଡ଼ି ଆଦି ଖେଳରେ କଟିଥାଏ ।

## ବିଶେଷତ୍ୱ

ଆଷାଢ଼ ମାସରେ ପ୍ରଥମ ବର୍ଷାର ଆଗମନରେ ମେଘ ଓ ମାଟିର ମିଳନ ହୁଏ । ମାଟି ମା’ ହୁଏ ରଜସ୍ୱଳା । ମାଟି ମା’କୁ ରଜ ତିନିଦିନ ବିଶ୍ରାମ ଦିଆଯାଏ ବୋଲି ବିଶ୍ୱାସ ଅଛି । ପହିଲି ରଜରେ ଆରମ୍ଭ ହୁଏ ପ୍ରସ୍ତୁତି ପର୍ବ । ତିନିଦିନ ଧରି ଧରଣୀ ମାତାକୁ ବିଶ୍ରାମ ଦିଆଯାଏ, ଯେଉଁଥିପାଇଁ ଭୂ ଖନନ ବାରଣ କରାଯାଇଥାଏ । ମାତୃଜାତି ମଧ୍ୟରେ ଉତ୍ସାହ ତଥା ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜପର୍ବ । କୁମାରୀମାନଙ୍କ ପାଇଁ ରଜପର୍ବ ହେଉଛି ତାଲିମ ପ୍ରଦାନକାରୀ ପର୍ବ । ଆଷାଢ଼ର ପହିଲି ବର୍ଷାରେ ମାଟି ମା’ର ପ୍ରଜନନ ଶକ୍ତି ଜାଗ୍ରତ ହୋଇଥାଏ, ଏହି କାରଣରୁ ଧରଣୀମାତାକୁ ରଜସ୍ୱଳା ସ୍ତ୍ରୀ ସହିତ ତୁଳନା କରାଯାଏ । ଅବିବାହିତା ଝିଅଙ୍କ ପାଇଁ ଗର୍ଭଧାରଣ କ୍ଷମତା ପ୍ରାପ୍ତିର ଏକ ସାଙ୍କେତିକ ପର୍ବ









ହେଉଛି ରଜ । କୁମାରୀମାନେ ରଜପର୍ବର ମଉଜ ଭିତରେ ଜଣେ ନାରୀର ଚଳଣି, ଆଚାରସଂହିତାକୁ ବିଧିଭାବେ ପାଳିଥାଆନ୍ତି ଏବଂ ଭବିଷ୍ୟତରେ ଯେତେବେଳେ ଝିଅଟିଏ ନାରୀଭୂମିକାରେ ଅବତୀର୍ଣ୍ଣ ହୋଇ କର୍ତ୍ତବ୍ୟ ସମ୍ପାଦନ କରେ, ଏହି ଆଚାରସଂହିତା ତାକୁ ସହାୟ ହୋଇଥାଏ । ରଜ ତିନିଦିନ ଧରି  କଟା, ବଟା ଆଦି ଗୃହକର୍ମ ନକରି କୁମାରୀମାନେ ବିଶ୍ରାମ କରନ୍ତି ଏବଂ ପିଠା ପଣା ଖାଇ ଉପଭୋଗ କରନ୍ତି ।

## ପାଳନ

ଏହି ପର୍ବ ପାଳନ ବେଳରେ ଘରର ଘରଣୀମାନେ ସାଧାରଣ କାମରୁ ଛୁଟି ନେଇ ନାନାଦି ଖେଳରେ ସମୟ ଅତିବାହିତ କରନ୍ତି । ଅଭିଆଡ଼ି ଝିଅମାନେ ନୂଆବସ୍ତ୍ର ପିନ୍ଧି ରଜ ଦୋଳି ଖେଳ, ପୁଚି ଖେଳ ଆଦିରେ ସମୟ କାଟନ୍ତି । ଏହି ଦିନ ଧରିତ୍ରୀ ମାଆକୁ ସମ୍ମାନ ଦେଇ କେହି ଭୂଇଁ ଉପରେ ଖାଲି ପାଦରେ ଚାଲିନଥାନ୍ତି । ପତ୍ର ଖୋଳପାରେ ତିଆରି କଠଉରେ ଭୂଇଁ ଉପରେ ଚାଲିବାର ବିଧି ରହିଛି । ଏହି ଦିନ ପୋଡ଼ ପିଠା, ଚକୁଳି ପିଠା, କାକରା ଆଦି ବିଭିନ୍ନ ପିଠା ଖିଆଯାଇଥାଏ । ବସୁମତୀ ସ୍ନାନ ହେଉଛି ରଜ ପର୍ବର ଅନ୍ତିମ ଦିବସ । ଏହା ବସୁଧାମାତାଙ୍କ ଶୁଦ୍ଧ ସ୍ନାନ । ଏହା ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧ ସ୍ନାନ ରୂପେ ପ୍ରଖ୍ୟାତ । ଏହି ଦିନ ରଜପର୍ବର ଆନନ୍ଦ ଉଲ୍ଲାସ ମଉଳି ଯାଇ ଆଧ୍ୟାତ୍ମିକତା ସ୍ଥାନ ନେଇଥାଏ । ଏହି ବସୁମତୀ ସ୍ନାନ ଦିବସରେ ଧରଣୀ ମାତା ପ୍ରତି ଭକ୍ତିଭାବ ଜାଗ୍ରତ ହୋଇଥାଏ । ବସୁମାତା ରଜସ୍ୱଳା ହୋଇ ଶୁଦ୍ଧସ୍ନାନ ପରେ ସୃଜନ କ୍ଷମତାଶୀଳା ଅର୍ଥାତ ଶସ୍ୟ ବୀଜ ଧାରଣକାରିଣୀ ହୋଇପାରିଥାନ୍ତି ।

## ରଜଗୀତ

ରଜଗୀତ ଏହି ପର୍ବରେ ବୋଲା ଯାଉଥିବା ଜଣାଶୁଣା ଗୀତ ଯାହା ଆଗେ ଗାଆଁଗହଳିରେ ଜନ୍ମ ନେଇଥିଲା । ଲୋକ ମୁଖରେ





ବୋଲାଯାଉଥିବା ଏହି ଗୀତ ପରେ ବିଭିନ୍ନ ସମୟରେ ଲିପିବଦ୍ଧ ହୋଇରହିଛି । ମୁଦ୍ରିତ ପୁରାତନ ପ୍ରକାଶନଗୁଡ଼ିକ ମଧ୍ୟରୁ ୧୯୪୯ ମସିହାରେ ପ୍ରକାଶିତ ପହିଲି ରଜ ଓ ୧୯୫୨ ମସିହାରେ ପ୍ରକାଶିତ ମାଗୁଣୀ ମହାପାତ୍ରଙ୍କ ରେକର୍ଡ ରଜଦୋଳି ଗୀତ ଅନ୍ୟତମ । ଏହି ଗୀତର ପ୍ରଥମ ପଂକ୍ତି ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ ଲୋକଙ୍କ ଭିତରେ ବେଶ୍ ପରିଚିତ । ଅନେକସ୍ଥାନରେ ଏହି ଗୀତ ବୋଲି ଝିଅ ବୋହୂମାନେ ରଜପର୍ବ ଉପଭୋଗ କରୁଥିବାର ଦେଖିବାକୁ ମିଳିଥାଏ । ଯେପରି ରଜ ପର୍ବ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ପ୍ରତିନିଧିତ୍ୱ କରିଥାଏ ସେହିଭଳି ଏହି ଗୀତର ସଂଳାପ ମଧ୍ୟ ଓଡ଼ିଶାର ପରମ୍ପରାକୁ ଲୋକ ଲୋଚନକୁ ଆଣିଥାଏ । ଏଥିରେ ପୁରା ରଜ ପର୍ବର ପାଳନ ବିଧିକୁ ବର୍ଣ୍ଣନା କରାଯାଇଛି । ଏହି ପର୍ବରେ କିଭଳି ଝିଅ ବୋହୂମାନେ ପାଦରେ ଅଳତା ଲଗାଇ ମୁଣ୍ଡରେ ଚନ୍ଦନପାଟି କରି ନୂଆ ଲୁଗା ପିନ୍ଧି, ପିଠା ଓ ପାନ ଖାଇ ଖୁବ ମନ ଆନନ୍ଦରେ ଏହାକୁ ପାଳନ କରନ୍ତି ସେ ବିଷୟରେ ବର୍ଣ୍ଣନା କରାଯାଇଛି । ଏହି ଗୀତର ଓଡିଆ ଘର ଓ ଗାଁର ଚଳଣିକୁ ଖୁବ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଥାଏ । କିଭଳି ରଜ ସମୟରେ ବିଭିନ୍ନ ଛକ ଓ ବାରଣ୍ଡାରେ ଲୋକଙ୍କର ଭିଡ ଯମିଥାଏ । ସେମାନେ ଏକାଠି ହୋଇ ବିଭିନ୍ନ ଖେଳରେ କିଭଳି ମସଗୁଲ ହେବା ସହ ଏହାର ମଜା ନେଇଥାଆନ୍ତି ସେ ନେଇ ଏହି ଗୀତରେ କୁହାଯାଇଛି । ଏହି ଗୀତରେ କୃଷ୍ଣ ଭଗବାନ ଓ ରାଧୀକାଙ୍କ ସମ୍ପର୍କରେ ମଧ୍ୟ ବର୍ଣ୍ଣନା ରହିଛି । ସେହିଭଳି ଗୋଟିଏ ଝିଅର ଜୀବନ ସମ୍ପର୍କରେ ମଧ୍ୟ ଏହି ଗୀତରେ ବର୍ଣ୍ଣନା ରହିଛି । କିଭଳି ଗୋଟିଏ ଝିଅର ଜୀବନ ପରଘରକୁ ସେନେଇ ଏହି ଗୀତରେ କୁହାଯାଇଛି । ଗୀତଟି ଆଜି ବି ଗାଁ ଗହଳିରେ ଶୁଣିବାକୁ ମିଳିଥାଏ । ଝିଅମାନେ ଦୋଳି ଖେଳିବା ସମୟରେ ଏହି ଗୀତ ବୋଲିଥାଆନ୍ତି ।



**ରଜରେ ପ୍ରତିଟି ଝିଅ ସଜ ହୋଇ ଖୁବ ସୁନ୍ଦର ଭାବେ ଏହି ପର୍ବକୁ ପାଳନ କରିଥାଏ । ରଜକୁ ଆଖିରେ ରଖି ଏହାର ଅନେକ ଦିନ ଆଗରୁ ବଜାରରେ ଭଳିକି ଭଳି ଡ୍ରେସ ସାଙ୍ଗକୁ ପ୍ରସାଧାନ ସାମଗ୍ରୀ ବିକ୍ରିହେବା ମଧ ଆରମ୍ଭ ହୋଇଯାଇଥାଏ ।**

# ସଜବାଜ

ଓଡିଆ ଘରର ପାରମ୍ପରିକ ପରିଧାନ ହୋଇଥାଏ ଶାଢି । ତେଣୁ ରଜରେ ଆପଣ ଶାଢି ପିନ୍ଧିପାରିବେ । ଏହା ଆପଣଙ୍କୁ ଖୁବ ଭଲ ଲୁକ୍ ଦେବ । ଶାଢିରେ ଆପଣ ଓଡିଆ ଶାଢି ଯେପରି ସମ୍ବଲପୁରୀ, କୋଟପାଡ ଭଳି ଓଡିଶାର ପାରମ୍ପରିକ ଶାଢି ପିନ୍ଧି ପାରିବେ । ନଚେତ୍ ବଜାରରେ ମିଳୁଥିବା ବିଭିନ୍ନ ପ୍ରକାରର ଡିଜାଇନ୍‌ର ଫ୍ୟାନ୍ସି ଶାଢି ପିନ୍ଧି ପାରିବେ । ଶାଢି ସହିତ ମ୍ୟାଚିଂ କରି ଗହଣା ପିନ୍ଧି ପାରିବେ । ମେକଅପ ମିନିମାଲ ରଖିପାରିବେ, ଯାହା ଆପଣଙ୍କୁ ଏକ ସିମ୍ପଲ ଲୁକ ପ୍ରଦାନ କରିବ ।

## ସାଲୱାର୍

ଝିଅମାନଙ୍କର ପ୍ରଥମ ପସନ୍ଦ ହୋଇଥା ସାଲୱାର୍ ଯାହା ଭାରତୀୟ ତଥା ଓଡ଼ିଶାର ପାରମ୍ପରିକ ପୋଷାକ ହୋଇଥାଏ । ଆଜିକାଲି ବଜାରରେ ବିଭିନ୍ନ ଡିଜାଇନ୍‌ର କଟନ ଓ ଫ୍ୟାନ୍ସି ସାଲୱାର ମିଳୁଛି । ଏଗୁଡିକ ଆପଣଙ୍କୁ ଏକ ଏଥ୍‌ନିକ ଓ ଏଲିଗାଣ୍ଟ ଲୁକ ଦେବ । ତେବେ ଆପଣ ଚାହିଁଲେ ସମ୍ବଲପୁରୀ ପ୍ରିଣ୍ଟର ସାଲୱାର ବାଛି ପାରିବେ । ଏଗୁଡିକ କଟନ ହୋଇଥିବାବେଳେ ଖୁବ ସୁନ୍ଦର ହୋଇଥାଏ । ଏଗୁଡିକ ରେଡିମେଡ ମଧ୍ୟ ମିଳିଥାଏ ଯାହାକୁ ଆପଣ ବଜାରରୁ ଆଣି ସଙ୍ଗେସଙ୍ଗେ ପିନ୍ଧି ପାରିବେ ।

## ଲେହେଙ୍ଗା

ଆଜିକାଲି ବଜାରରେ ଖୁବ ସୁନ୍ଦର ଡିଜାଇନ ଓ ହାଲୁକା ଲେହେଙ୍ଗା ମିଳୁଛି, ଯାହା ଆପଣଙ୍କୁ ଏକ ଏଲିଗାଣ୍ଟ ଲୁକ ଦେବ । ରଜକୁ ଆଖିରେ ରଖି ବଜାରରେ ବିଭିନ୍ନ










ପ୍ରକାରର ଲେହେଙ୍ଗା ମିଳିଥାଏ । ଏହା ସହିତ ସୁନା କିମ୍ବା ଷ୍ଟୋନର ଗହଣା ପିନ୍ଧିପାରିବେ ଖୁବ ସୁନ୍ଦର ଲୁକ ମିଳିବ । ସେହିଭଳି ହେୟାର ଷ୍ଟାଇଲ ମଧ୍ୟ କିଛି କରିପାରିବେ, ଯାହା ଆପଣଙ୍କ ଲୁକ୍‌କୁ କମ୍ପଲିଟ୍ କରିବ । ସବୁବେଳେ ପାର୍ଟନ ଓ ଲେହେଙ୍ଗା କଲରକୁ ଚୟନ କରିବାବେଳେ ନିଜର ସ୍କିନ୍ ଟୋନ୍‌କୁ ଧ୍ୟାନରେ ରଖନ୍ତୁ, ଯାହାଫଳରେ ଏକ ସୁନ୍ଦର ଚାର୍ମିଂ ଲୁକ ମିଳିବ ।

## ଫ୍ୟୁଜନ

ଯଦି ଆପଣଙ୍କୁ ଉଭୟ ୱେଷ୍ଟର୍ଣ୍ଣ ଓ ଇଣ୍ଡିଆନ ପସନ୍ଦ ତେବେ ଏଥିପାଇଁ ଫ୍ୟୁଜନ ଫ୍ୟାଶନକୁ ଚୟନ କରନ୍ତୁ । ଶାଢି ସହିତ କ୍ରପ ଟପକୁ ପେୟାର କରିପାରିବେ, ଯେଉଁଥିରେ ବେଲ୍ଟ ପେୟାରଅପ କରନ୍ତୁ । ସେହିଭଳି ପ୍ଲାଜୋ ସହ ସର୍ଟ କୁର୍ତ୍ତୀକୁ ମିଶାଇ ପିନ୍ଧି ପାରିବେ । ଏଗୁଡିକ ଖୁବ ଏଲିଗାଣ୍ଟ ତଥା କମ୍ଫଟେବଲ ଲୁକ ଦେଇଥାଏ ।

## ୱେଷ୍ଟର୍ଣ୍ଣ

ଯଦି ୱେଷ୍ଟର୍ଣ୍ଣ ଆଉଟ୍‌ଫିଟ୍ ପସନ୍ଦ ତେବେ ଜିନ୍ସ ସହିତ ଟପ୍ସ ଟ୍ରାଏ କରିପାରିବେ । ଟପ୍ସରେ ବିଭିନ୍ନ ପ୍ରକାରର ଅପସନ ମିଳିଥାଏ । ସେହିଭଳି ୱାନ୍ ପିସ କିମ୍ବା ସ୍କର୍ଟ ଟପ୍ ମଧ୍ୟ ପିନ୍ଧି ପାରିବେ ।

## ଅଳତା

ରଜର ପାରମ୍ପରିକ ସଜବାଜରେ ଅଳତା ସବୁଠାରୁ ଆଗରେ ରହିଥାଏ । ଏହି ଦିନ ଝିଅ ବୋହୂ ସମସ୍ତଙ୍କ ପାଦରେ ଶୋଭା ପାଇଥାଏ ଅଳତା । ଓଡିଆ ଘରର ଯେ କୌଣସି ପର୍ବ ହେଉ ପ୍ରଥମେ ଖୋଜା ପଡିଥାଏ ଅଳତା । ପାଦରେ ଅଳତା ଲଗାଇବା ପରେ ଯାଇ ସମସ୍ତ ପର୍ବ ଆରମ୍ଭ ହୋଇଥାଏ । ଅଳତା ଓଡ଼ିଶାର ପରମ୍ପରା ଅନୁଯାୟୀ ସଧବା ନାରୀଙ୍କର ପ୍ରତୀକ ହୋଇଥାଏ । ତେଣୁ ରଜ ପର୍ବର ପାଳନ ଅଳତା ବିନା ଆରମ୍ଭ ହୋଇନଥାଏ । ପାଦରେ ଅଳତା ଲଗାଇବା ପରେ ରଜର ସଜବାଜ ପୂରା ହୋଇଥାଏ ।

## ଚନ୍ଦନରେ ସଜ

ଓଡ଼ିଶାର ପାରମ୍ପରିକ ସଜବାଜରେ ଅଳତା ସହିତ ଚନ୍ଦନ ପାଟି ମଧ୍ୟ ସାମିଲ ରହିଥାଏ । ଏହି ଦିନ ଛୋଟ ଝିଅମାନେ ବିଶେଷଭାବେ ମଥାରେ ଚନ୍ଦନପାଟି କରିଥିବାର ଦେଖିବାକୁ ମିଳେ । ପାଉଡର କିମ୍ବା ଚନ୍ଦନର ଲେପକୁ ଖଡିକାରେ ମଥାରେ ବିଭିନ୍ନ ଚିତ୍ରରେ ସଜାଯାଇଥାଏ । ଯାହା ଦେଖିବାକୁ ଖୁବ ସୁନ୍ଦର ହୋଇଥାଏ । ଚନ୍ଦନ ପାଟି ସହିତ ମେହେନ୍ଦିର ମଧ୍ୟ କ୍ରେଜ ଦେଖିବାକୁ ମିଳିଥାଏ । ପ୍ରାୟ ସମସ୍ତେ ନିଜ ହାତକୁ ମେହେନ୍ଦିରେ ସଜାଇଥାଆନ୍ତି । ହାତରେ ବିଭିନ୍ନ ଡିଜାଇନ୍ ଆଙ୍କି ଏହାକୁ ସଜାଇଥାଆନ୍ତି, ଯାହା ରଜ ଲୁକକୁ କମ୍ପ୍ଲିଟ୍ କରିଥାଏ ।

## ଚପଲ

ରଜର ପାରମ୍ପରିକ ବର୍ଣ୍ଣନା ଅନୁସାରେ ଏହି ତିନିଦିନ ଝିଅମାନ ଖାଲି ପାଦରେ ଚାଲନ୍ତି ନାହିଁ । ପୂର୍ବରୁ ବିଶ୍ୱାସ ଅଛି ସେମାନେ ପାଦରେ କଠଉ କିମ୍ବା କଦଳୀ ପାଟୁକାରେ ପ୍ରସ୍ତୁତ ଚପଲ ପିନ୍ଧି କାର୍ଯ୍ୟ କରୁଥିଲେ । ହେଲେ ବର୍ତ୍ତମାନ ଆପଣ ଚାହିଁବେ ଯଦି ପାଦରେ ନୂଆ ଚପଲ ପିନ୍ଧିପାରିବେ । ତେବେ ରଜ ପାଇଁ ଚପଲର ଚୟନ କରିବାବେଳେ ନିଜର ଡ୍ରେସକୁ ଧ୍ୟାନରେ ରଖନ୍ତୁ । ଡ୍ରେସକୁ ମ୍ୟାଚ ହେବା ପରି ଚପଲ ପିନ୍ଧନ୍ତୁ ଯାହା ଆପଣଙ୍କୁ ଖୁବ ସୁନ୍ଦର ଲୁକ୍ ପ୍ରଦାନ କରିବ । ବଜାରରେ ବିଭିନ୍ନ ଡିଜାଇନ୍‌ର ଚପଲ ମିଳୁଛି ଯାହା ପାରମ୍ପରିକ ପୋଷାକକୁ ମ୍ୟାଚ କରି ଆପଣ ପିନ୍ଧି ପାରିବେ । ସେହିଭଳି ଏଭଳି ମଧ୍ୟ କିଛି ଜୋତା ରହୁଛି ଯାହାକୁ ଆପଣ ୱେଷ୍ଟର୍ଣ୍ଣ ପୋଷାକ ସହିତ ପେୟାର କରିପାରିବେ ।



# ରଜର ସ୍ୱାଦ



**ରଜ ଆସିଲେ ସହର ଠାରୁ ଗାଁ ସବୁସ୍ଥାନରେ ମହମହ ବାସିଥାଏ ଭଳିକି ଭଳି ସୁସ୍ୱାଦୁ ବ୍ୟଞ୍ଜନ । ପ୍ରତିଟି ଘରେ ତିନିଦିନ ଧରି ପ୍ରସ୍ତୁତ ହୋଇଥାଏ ନାନା ରକମର ଖାଇବା, ଯାହା ରଜର ଆଉ ଏକ ସ୍ୱତନ୍ତ୍ର ପରିଚୟ ।**

## ପୋଡ ପିଠା

ରଜ ନାଁ ଉଠିଲେ ସମସ୍ତଙ୍କର ମନେପଡ଼ିଥାଏ ପୋଡ ପିଠାର ସ୍ୱାଦ । ରଜ ଆଉ ପୋଡ ପିଠା ଯେପରି ଏକ ଅଭିନ୍ନ ଅଙ୍ଗ । ରଜ ଦିନ ପୋଡ ପିଠା ନଖାଇଲେ ରଜ ଯେପରି ସମ୍ପୂର୍ଣ୍ଣ ହୋଇ ନଥାଏ । ଗାଁ ହେଉ କିମ୍ବା ସହର ସବୁଠି ଦେଖିବାକୁ ମିଳେ ବିଭିନ୍ନ ପ୍ରକାରର ପୋଡ ପିଠା । ବିରି, ପଣସ, ତାଳ ଆଦି ବିଭିନ୍ନ ସାମଗ୍ରୀରୁ ପ୍ରସ୍ତୁତ ହୋଇଥାଏ ଏହି ଓଡିଆ ଘରର ପାରମ୍ପରିକ ପିଠା । ରଜ ପୂର୍ବଦିନରୁ ଚୁଲିରେ ଲଦା ହୋଇ ପ୍ରସ୍ତୁତ ହୋଇଥାଏ ପୋଡ ପିଠା । ଯାହାକୁ ରଜ ଦିନ ସକାଳେ ପରିବାର ସମସ୍ତ ସଦସ୍ୟ ବାଣ୍ଟି ଖାଆଥାଆନ୍ତି । ଏହା ରଜର ସ୍ୱତନ୍ତ୍ର ଖାଦ୍ୟ ମଧ୍ୟରୁ ଗୋଟିଏ ।

## ପାନ

ରଜ ପାନ ବିନା ରଜ ପାଳନ ଅଧୁରା । ରଜ ତିନିଦିନ ଧରି ବିଭିନ୍ନ ପିଠା ପଣା ସାଙ୍ଗକୁ ଖିଆଯାଇଥାଏ ରଜ ପାନ । ଏହାକୁ ଖୁବ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ କରାଯାଇଥାଏ । ପାନରେ ବିନା ଚୂନରେ ଗୁଆ, ମିଠା ମସଲା ସହିତ ବିଭିନ୍ନ ପ୍ରକାର ମିଠା ମସଲା ଏବଂ ଚେରି କୋଳି ଦେଇ ପ୍ରସ୍ତୁତ ହୋଇଥାଏ ରଜ ପାନ । ଏହି ପାନର ଚାହିଦା ଖୁବ ଅଧିକ ଦେଖିବାକୁ ମିଳିଥାଏ । ବଜାରରେ ଏକାଧିକ ଦୋକାନ ଏହି ପାନକୁ ବିକ୍ରି କରୁଥିବାର ଦେଖିବାକୁ ମିଳିଥାଏ । ଛୋଟ ଠାରୁ ବଡ ସମସ୍ତେ ଏହାକୁ ଖାଇ ରଜକୁ ଖୁବ ମଉଜରେ ପାଳନ କରିଥାଆନ୍ତି । ରଜରେ ପାନଖିଆ ଏକ ପୁରୁଣା ଓଡ଼ିଆ ପରମ୍ପରା । ପ୍ରୀତିର ବନ୍ଧନ ହେଉଛି ପାନ । ପ୍ରୀତି, ପ୍ରେମ, ବନ୍ଧୁତାର ଛ'ଲକ୍ଷଣକୁ ଏହି ପାନ ସୂଚାଇଥାଏ । ଭୋଜନ ଶେଷରେ ତାମ୍ବୁଳ ସେବା ଏକ ପ୍ରାଣମୟ ବ୍ୟବସ୍ଥା । ଓଡ଼ିଆଙ୍କ ଠାକୁର ବଡ଼ଠାକୁର ଜଗନ୍ନାଥ ପ୍ରତିଦିନ ଭୋଜନାନ୍ତେ ତାମ୍ବୁଳ ସେବା କରି ନିଦ୍ରା ଯାଆନ୍ତି । ପାନ ହେଉଛି ମୁଖବାସ, ପରିତୋଷ । ରଜ ସହିତ ପାନ ଯୋଡ଼ିହେବା ଅର୍ଥ ଏହା ବନ୍ଧୁତାକୁ ଦର୍ଶାଇଥାଏ । ଆୟୁର୍ବେଦଶାସ୍ତ୍ର ଅନୁସାରେ ପାନ ଜୀର୍ଣ୍ଣକାରକ ଏବଂ କୃମିନାଶକ । ସେହିଭଳି ପାନରେ ଦିଆଯାଉଥିବା ଚୂନ ଲୌହଶକ୍ତି ପୂର୍ଣ୍ଣ (କ୍ୟାଲସିଅମ) ଓ ଖଇର ଦାନ୍ତକୁ ମଜଭୁତ କରିଥାଏ ବୋଲି ବର୍ଣ୍ଣନା ରହିଛି । ରଜପାନରେ ଗୁଆ, ଅଳେଇଚ, ଗୁଜୁରାତି, ଭଜା ଧଣିଆ, ଚାଉଳ ଓ ନଡିଆ ଖଣ୍ଡ, ଚେରି, ଲବଙ୍ଗ, କବାବଚିନି, ଚୁଆ, ପାନ ମହୁରି, ସୁବାସିତ କେଶର, ଖଇର ପରି ୧୦ରୁ ୧୨ ପ୍ରକାର ମସଲା ବ୍ୟବହୃତ ହୁଏ । ଏହାକୁ ବିଭିନ୍ନ ଢଙ୍ଗରେ ତ୍ରିଭଙ୍ଗି, ଚଉଭଙ୍ଗି ଆକୃତି ଦେଇ ଉପରେ ଲବଙ୍ଗ ଓ ଚେରି ଖୋସି ଅତି ସୁନ୍ଦର ଭାବେ ଥାଳିରେ ସଜାଇ ଦିଆଯାଏ । ସାଧାରଣ ଦିନର ପାନଠାରୁ ରଜପାନର ସ୍ୱାଦ ସ୍ୱତନ୍ତ୍ର ।

## ଖାସି ମାଂସ

ରଜରେ ଘରେଘରେ ପ୍ରସ୍ତୁତ ହୋଇଥାଏ ଭଳିକି ଭଳି ପିଠା ପଣା ସହିତ ବିଭିନ୍ନ ବ୍ୟଞ୍ଜନ । ତେବେ ଏହି ବ୍ୟଞ୍ଜନ ତାଲିକାରେ ସବୁଠାରୁ ଆଗରେ ରହିଥାଏ ଖାସି ମାଂସ । ସମସ୍ତେ ଯେପରି ଅପେକ୍ଷା କରି ରହିଥାଆନ୍ତି କିଭଳି ରଜ ଆସିବ ଏବଂ ଘରେ ଖାସି ମାଂସ ରନ୍ଧା ହେବ । ସେଦିନ ପ୍ରାୟ ସମସ୍ତଙ୍କ ଘରୁ ଖାସି ମାଂସର ବାସ୍ନା ଆସିଥାଏ । ଘରେ ସମସ୍ତେ ଏକାଠି ହୋଇ ଖାସି ମାଂସର ମଜା ନେଉଥିବାର ଦେଖିବାକୁ ମିଳେ । ସମସ୍ତେ ଏକାଠି ବସି ଏହାକୁ ଖାଇବାରୁ ଏହାର ସ୍ୱାଦ ଖୁବ ବଢ଼ିଯାଇଥାଏ ।






# ଖେଳ

**ରଜ ପର୍ବ ସବୁବେଳେ ଓଡ଼ିଶାର ପରମ୍ପରାକୁ ନେଇ ପାଳନ କରାଯାଇଥାଏ । ଏହି ତିନିଦିନ ବିଭିନ୍ନ ଖାଦ୍ୟ ସାଙ୍ଗକୁ ସମସ୍ତେ ବିଭିନ୍ନ ପ୍ରକାର ଖେଳ ଖେଳି ମନୋରଞ୍ଜନ କରିଥାଆନ୍ତି । ଆସନ୍ତୁ ଜାଣିବା ସେହିଭଳି କିଛି ରଜ ଖେଳ ସମ୍ପର୍କରେ..**

**ଦୋଳି:** ରଜର ପ୍ରମୁଖ ଖେଳ ହୋଇଥାଏ ଦୋଳି, ଯାହାକୁ ସବୁ ଝିଅମାନେ ଉପଭୋଗ କରନ୍ତି । ପ୍ରତିଟି ଘର ବାଡିପଟେ, ଗାଁ ଗୁଡିକର ଆମ୍ବ ତୋଟାରେ ଦୋଳି ବନ୍ଧା ହୋଇଥିବାର ଦେଖିବାକୁ ମିଳିଥାଏ । ସମସ୍ତେ ଏଠି ଏକାଠି ହୋଇ ଦୋଳିର ମଜା ନେଇଥାଆନ୍ତି । ଦୋଳି ଖେଳିବା ସମୟରେ ଝିଅମାନେ ପାରମ୍ପରିକ ରଜ ଦୋଳି ଗୀତ ମଧ୍ୟ ବୋଲୁଥିବାର ଶୁଣିବାକୁ ମିଳେ, ଯାହା ପରିବେଶକୁ ଖୁବ ମନୋରମ କରିଥାଏ ।

**ତାସ:** ରଜର ପ୍ରମୁଖ ଖେଳରେ ସାମିଲ ରହିଛି ତାସ ଖେଳ । ରଜ ତିନି ଦିନ ଧରି ଗାଁ ଗଣ୍ଡାର ପରିବେଶ ଖୁବ ଚଳଚଞ୍ଚଳ ରହିଥାଏ । ସମସ୍ତେ ବିଭିନ୍ନ ପିଠା ପଣା ଓ ସୁସ୍ୱାଦୁ ବ୍ୟଞ୍ଜନ ଖାଇ ଖେଳରେ ମାତି ଥାଆନ୍ତି । ଝିଅମାନେ ଦୋଳି ଖେଳୁଥିବାବେଳେ ପୁଅମାନେ ତାସ ଖେଳୁଥିବାର ଗାଁ ଗଣ୍ଡାରେ ଦେଖିବାକୁ ମିଳେ । ବିଭିନ୍ନ ସ୍ଥାନ ଯେପରି ଗାଁ ଛକ, କୋଠଘର ପିଣ୍ଡା ଭଳି ସ୍ଥାନରେ ସମସ୍ତେ ମିଶି ତାସ ଖେଳ ଖେଳୁଥିବାର ଦେଖିବାକୁ ମିଳିଥାଏ । ଏହି ଖେଳକୁ ଭାଇଚାରାର ପ୍ରତୀକ ଭାବେ ବିବେଚନା କରାଯାଇଥାଏ । ଏହା ସମସ୍ତଙ୍କ ମନୋରଞ୍ଜନ କରିବା ସହିତ ସଦ୍‌ଭାବନା ମଧ୍ୟ ବଢାଇଥାଏ ।

**କବାଡ଼ି:** ରଜରେ ଯେ ଖାଲି ଝିଅମାନେ ବିଭିନ୍ନ ଖେଳର ଆନନ୍ଦ ନେଇଥାଆନ୍ତି, ଏପରି ନୁହେଁ । ପୁଅମାନେ ମଧ୍ୟ ବିଭିନ୍ନ ଖେଳ ଖେଳିଥାନ୍ତି, ସେଥିମଧ୍ୟରୁ ଗୋଟିଏ ହେଲା କବାଡି । ଯାହାକୁ ଗାଁ ମାନଙ୍କରେ ବିଭିନ୍ନ ସ୍ଥାନରେ ଏକାଠି ହୋଇ ଦଳଦଳ ହୋଇ ପିଲାମାନେ ଖେଳୁଥିବାର ଦେଖିବାକୁ ମିଳେ । ସେମାନଙ୍କ ଭିତରେ ମଧ୍ୟ ପ୍ରତିଯୋଗିତା ଆୟୋଜନ ହୋଇଥାଏ । ବିଜେତା ଦଳକୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଥାଏ ।

**ପୁଚି:** ପୁଚି ହେଉଛି ଓଡ଼ିଶାର ଖୁବ ପୁରୁଣା ଖେଳ । ବିଭିନ୍ନ ସମୟରେ ଖେଳାଯାଉଥିବା ଏହି ଖେଳ ରଜର ପ୍ରମୁଖ ଆକର୍ଷଣ ସାଜିଥାଏ । ଏହି ଖେଳକୁ କେବଳ ଝିଅପିଲାମାନେ ହିଁ ଖେଳି ଥାଆନ୍ତି । ବିଭିନ୍ନ ସ୍ଥାନରେ ପୁଚିର ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥାଏ । ଗାଁରେ ଠାଏ ଠାଏ ଏକାଠି ହୋଇ ପୁଚି ପ୍ରତିଯୋଗିତା ହୋଇଥାଏ ଯେଉଁଥିରେ ବିଜେତାଙ୍କୁ ଆକର୍ଷଣୀୟ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥାଏ ।

**ଲୁଡୁ:** ଲୁଡୁ ଖେଳ ସମସ୍ତଙ୍କର ପ୍ରିୟ ହୋଇଥାଏ । ଏମିତି ଅନେକ ସମୟରେ ଖେଳାଯାଉଥିବା ଏହି ଖେଳଟି ରଜର ଏକ ପ୍ରତୀକ ଖେଳ । ଗାଁ ହେଉ କିମ୍ବା ସହର ବିଭିନ୍ନ ସ୍ଥାନରେ ଏହି ଖେଳ ଖେଳାଯାଉଥିବାର ଦେଖିବାକୁ ମିଳେ । ଝିଅ ଓ ପୁଅ ସମସ୍ତେ ମିଶି ପିଣ୍ଡାରେ ବସି ଲୁଡୁ ଖେଳୁଥିବାର ଦେଖିବାକୁ ମିଳେ । ରଜରେ ଏହି ଖେଳର ଖୁବ ଆନନ୍ଦ ସମସ୍ତେ ନେଇଥାଆନ୍ତି ।





# ରଜ ରିଲିଜ୍



ରଜରେ ନୂଆ ଫିଲ୍ମ ରିଲିଜ୍ ହେବା ଯେପରି ଏକ ପ୍ରଥା ପାଲଟିଛି । ସବୁବର୍ଷ ରଜରେ ଏକାଧିକ ଫିଲ୍ମ ରିଲିଜ୍ ହେବାର ଦେଖିବାକୁ ମିଳିଥାଏ । ଗତ ବର୍ଷ ମଧ୍ୟ ଏକାଧିକ ଫିଲ୍ମ ରଜରେ ରିଲିଜ୍ ହୋଇଥିଲା ଯାହାକୁ ଦର୍ଶକ ଖୁବ ଭଲ ପାଇବା ଦେଇଥିଲେ । ସବୁଥର ପରି ଏଥରକ ମଧ୍ୟ ତିନୋଟି ଫିଲ୍ମ ରଜରେ ପରଦାକୁ ଆସିବ । ଯାହା ସମ୍ପର୍କରେ ସୂଚନା ମିଳିବା ପରେ ଦର୍ଶକଙ୍କ ଭିତରେ ଖୁବ କ୍ରେଜ ଦେଖିବାକୁ ମିଳିଛି । ସମସ୍ତେ ଏହି ଫିଲ୍ମ ଦେଖି ରଜକୁ ଖୁବ ସୁନ୍ଦର ଭାବେ ଉପଭୋଗ କରିବେ ବୋଲି ଯୋଜନା କରିଛନ୍ତି । ଏଥିରେ ଓଡ଼ିଶାର ବଡବଡ ଷ୍ଟାରଙ୍କର ଫିଲ୍ମ ସାମିଲ ରହିଛି । ରଜରେ ପିଠା ଓ ପାନ ଖାଇ ନୂଆ ଡ୍ରେସ ପିନ୍ଧି ସିନେମା ଦେଖିବାର ମଜା କିଛି ଭିନ୍ନ, ଏହା ଯେପରି ଆମ ଓଡିଆଙ୍କ ମନପ୍ରାଣରେ ରହିଛି । ସମସ୍ତେ ଏହି ଅନୁଭବକୁ ସବୁବେଳେ ଉପଭୋଗ କରନ୍ତି । ଛୋଟ ଠାରୁ ବଡ ସବୁ ବର୍ଗର ଲୋକମାନେ ରଜରେ ଫିଲ୍ମ ଦେଖିବାକୁ ଲାଇନ୍ ଲଗାଇଥିବାର ଦେଖିବାକୁ ମିଳିଥାଏ । ତେବେ ଆସନ୍ତୁ ଜାଣିବା ଚଳିତ ରଜରେ ରିଲିଜ୍ ହୋଇଥିବା ଫିଲ୍ମ ଗୁଡିକଙ୍କ ସମ୍ପର୍କରେ ।

**ରଜ ଆସିଲେ ସବୁଠାରୁ ଅଧିକ ଚଳ ଚଞ୍ଚଳ ହୋଇଉଠେ ଓଡିଆ ଫିଲ୍ମ ଇଣ୍ଡଷ୍ଟ୍ରୀ । ରଜକୁ ଆଖିରେ ରଖି ଅନେକ ଫିଲ୍ମ ପରଦାକୁ ଆସିଥାଏ । ସେହିଭଳି କେବଳ ଫିଲ୍ମ ନିର୍ମାତା ନୁହେଁ ଦର୍ଶକ ମଧ୍ୟ ଚାହିଁ ରହିଥାଆନ୍ତି ରଜ ରିଲିଜ୍‌କୁ ।**










**ବୋଉ ବୁଟୁ ଭୂତ:** କିଛି ଦିନ ପୂର୍ବରୁ ବାବୁସାନ ଫିଲ୍ମ ଓ ସିଦ୍ଧାର୍ଥ ମିଜ୍ୟୁକ୍ ମିଳିତ ଭାବେ ଏହି ଫିଲ୍ମର ଘୋଷଣା କରିଥିଲେ । ଫିଲ୍ମଟି ଘୋଷଣା ହେବା ପରେ ସମସ୍ତଙ୍କ ଭିତରେ ଖୁବ ଆଗ୍ରହ ଦେଖିବାକୁ ମିଳିଥାଏ । ବିଶେଷଭାବେ ଏହାର ଷ୍ଟାର କାଷ୍ଟ ସମସ୍ତଙ୍କୁ ବେଶି ଆକୃଷ୍ଟ କରିଛ । ଏହି ଫିଲ୍ମରେ ଦର୍ଶକ ବାବୁସାନଙ୍କ ସହିତ ଅପରାଜିତା ମହାନ୍ତିଙ୍କୁ ଏକାଠି ଦେଖିବାକୁ ମିଳିବ । ଉଭୟ ଏଥିରେ ପୁଅ ଓ ମାଆ ଭୂମିକାରେ ନଜର ଆସିଛନ୍ତି । ସେହିଭଳି ଏହାର ଆନାଉନ୍ସ ଭିଡିଓ ଖୁବ ଚର୍ଚ୍ଚା ସାଉଁଟିଥିଲା କାରଣ ପ୍ରଥମଥର ପାଇଁ ସ୍କ୍ରିନ୍‌ରେ ଅପରାଜିତାଙ୍କୁ ସିଗାରେଟ୍ ଟାଣୁଥିବାର ଦେଖିବାକୁ ମିଳିଥିଲା । ଯାହା ଦର୍ଶକଙ୍କ ଭିତରେ ଫିଲ୍ମକୁ ନେଇ କ୍ରେଜ ସୃଷ୍ଟି କରାଇଛି । ସେହିଭଳି ଏହି ଫିଲ୍ମର ଗୀତ ଗୁଡିକ ମଧ୍ୟ ଖୁବ ଚର୍ଚ୍ଚା ସାଉଁଟିଛି । ଦର୍ଶକ ଏହାର ଆଇଟ୍‌ମ ସଙ୍ଗକୁ ଖୁବ ଭଲ ପାଇବା ଦେଇଛନ୍ତି । ସେହିଭଳି ଅନେକ ଦିନ ପରେ ବାବୁ ସାନ ଓ ଅର୍ଚ୍ଚିତାଙ୍କୁ ଏହି ଫିଲ୍ମରେ ଦେଖିବାକୁ ମିଳିବ । ଏଥିରେ ଏକ ଗାଁର ଗୁଣିଗାରେଡି କାହାଣୀକୁ ସ୍ଥାନ ଦିଆଯାଇଛି । ଫିଲ୍ମଟି ଦର୍ଶକଙ୍କୁ ଖୁବ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି । ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଜଗଦୀଶ ମିଶ୍ର ।




**ସ୍ତ୍ରୀଙ୍କ ପ୍ରଯୋଜନାରେ ଅଭିନୟ:** ବୋଉ ବୁଟୁ ଭୂତ ଆଉ ଏକ ଘଟଣା ପାଇଁ ମଧ୍ୟ ଖୁବ ଚର୍ଚ୍ଚାରେ ରହିଛି । ଏହି ଚର୍ଚ୍ଚିତ ଫିଲ୍ମର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ବାବୁସାନ୍‌ଙ୍କ ସ୍ତ୍ରୀ ତୃପ୍ତି ଶତପଥୀ । ପୁରା ପରିବାରର ସମସ୍ତ ସଦସ୍ୟ ଏଥିରେ ସାମିଲ ହୋଇ କାମ କରିଥିବାରୁ ଏହା ଫିଲ୍ମକୁ ହିଟ୍ କରାଇବାରେ ସହାୟକ ହେବ ବୋଲି ଫିଲ୍ମ ସମୀକ୍ଷକ ମତ ଦେଇଛନ୍ତି । ସେହିଭଳି ସ୍ତ୍ରୀଙ୍କ ପ୍ରଯୋଜନାରେ ଅଭିନୟ କରି ବାବୁ ସାନ୍‌ଙ୍କୁ ମଧ୍ୟ ଅନେକ କିଛି ଶିଖିବାକୁ ମିଳିଥିବା ସେ ବିଭିନ୍ନ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।

**ପୂର୍ବରୁ ରହିଥିଲା ଚର୍ଚ୍ଚାରେ:** ଫିଲ୍ମଟି ରିଲିଜ୍ ପୂର୍ବରୁ ଆଉ ଏକ ଘଟଣା ପାଇଁ ମଧ୍ୟ ଚର୍ଚ୍ଚାରେ ରହିଥିଲା । ଫିଲ୍ମ ସୁଟିଂ ସମୟରେ ବାବୁ ସାନ୍ ନିଜ ପିତା ଉତ୍ତମ ମହାନ୍ତିଙ୍କୁ ହରାଇଥିଲେ । ତାଙ୍କର ସୁଧଘର କରିବା ସମୟରେ ବାବୁ ସାନ ଲଣ୍ଡା ହୋଇନଥିବା ଦେଖିବାକୁ ମିଳିଥିଲା, ଯାହାର କାରଣ ସେ ବୋଉ ବୁଟୁ ଭୁତ ଫିଲ୍ମର ସୁଟିଂ ବୋଲି କହିଥିଲେ । ଯେହେତୁ ଫିଲ୍ମ କାମ ଅଧାରେ ରହିଛି ତେଣୁ ତାଙ୍କର ଲଣ୍ଡା ହେବାରେ ସମସ୍ୟା ରହିଛି । ଅନେକ ଲୋକଙ୍କର ଆର୍ଥିକ ସ୍ଥିତି ସେହି ଫିଲ୍ମ ଉପରେ ନିର୍ଭର କରୁଛି ତେଣୁ ସେ ଫିଲ୍ମର କାମ ସରିବା ପରେ ଯାଇ ଲଣ୍ଡା ହେବେ ବୋଲି ସୂଚନା ଦେଇଥିଲେ । ପରେ ସେ ଲଣ୍ଡା ହୋଇଥିଲେ ମଧ୍ୟ ।

**ସ୍ୱାମୀ ସ୍ତ୍ରୀଙ୍କ ଲଢେଇ:** ବୋଉ ବୁଟୁ ଭୂତ ଫିଲ୍ମରେ ଅର୍ଚ୍ଚିତାଙ୍କୁ ଫିମେଲ ଲିଡ୍‌ରେ ଦେଖିବାକୁ ମିଳିଛି । ରଜରେ ରିଲିଜ୍ ହେଉଥିବା ଫିଲ୍ମ ସହ ପରଦାରେ ଲଢେଇ କରିବ ଫିଲ୍ମ ଅନନ୍ତା । ଯେଉଁଥିରେ ସବ୍ୟସାଚୀ ମିଶ୍ର ମୁଖ୍ୟ ଭୂମିକାରେ ଅଛନ୍ତି । ତେଣୁ ବର୍ତ୍ତମାନ ସୋସିଆଲ ମିଡିଆରେ ଏହା ଭାଇରାଲ ହେବାରେ ଲାଗିଛି କି ଚଳିତ ରଜରେ ସ୍ୱାମୀ ସ୍ତ୍ରୀ ଲଢେଇ ଦେଖିବାକୁ ମିଳିବ । କାହା ଫିଲ୍ମ ବାଜି ମାରୁଛି ତାହା ଦେଖିବାକୁ ଉଭୟଙ୍କ ଫ୍ୟାନଙ୍କ ଭିତରେ ଉତ୍କଣ୍ଠା ରହିଛି ।

**ଅନନ୍ତା:** ବ୍ୟସକବି ଫକୀର ମୋହନ ସେନାପତିଙ୍କ ବହି ରାଣ୍ଡି ପୁଅ ଅନନ୍ତାକୁ ପ୍ରସ୍ତୁତ ହୋଇଛି ଫିଲ୍ମ ଅନନ୍ତା । ଯେଉଁଥିରେ ମୁଖ୍ୟ ଚରିତ୍ରରେ ସବ୍ୟସାଚୀଙ୍କୁ ଦେଖିବାକୁ ମିଳିବ । ଫିଲ୍ମକୁ ନେଇ ଦର୍ଶକଙ୍କ ଭିତରେ ଖୁବ ଆଗ୍ରହ ରହିଛି । ଫିଲ୍ମରେ ଓଡ଼ିଶାର ଏକ ନିଚ୍ଛକ କାହାଣୀକୁ ସ୍ଥାନ ଦିଆଯାଇଛି । ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି ସବ୍ୟସାଚୀ ମହାପାତ୍ର । ଉଭୟ ସବ୍ୟସାଚୀ ମିଶି ଫିଲ୍ମଟିକୁ ଦର୍ଶକଙ୍କ ପାଇଁ ଖୁବ ରୋମାଞ୍ଚକର ବନାଇଛନ୍ତି ବୋଲି ମତ ପ୍ରକାଶ ପାଇଛି । ଏଥିରେ ଓଡିଶାର ଗ୍ରାମୀଣ ଜୀବନର ଖୁବ ଭଲ ଝଲକ ଦେଖିବାକୁ ମିଳିବ । ଅନେକ ଦିନ ପରେ ଦର୍ଶକଙ୍କୁ ଏକ ଏଭଳି ଥ୍ରିଲର ଫିଲ୍ମ ଦେଖିବାକୁ ମିଳିଛି ତେଣୁ ଫିଲ୍ମର ସଫଳତା ନେଇ ପୂରା ଟିମ ବେଶ ସକାରାତ୍ମକ ଅଛନ୍ତି । ଫିଲ୍ମଟି ହିଟ୍ ହେବା ନେଇ ସେମାନେ ଆଶାବାଦୀ ଅଛନ୍ତି । ଅନନ୍ତା ଚରିତ୍ରରେ ଅଭିନୟ କରିବାକୁ ହେଲେ ସବ୍ୟସାଚୀଙ୍କୁ ଖୁବ ମୋଟା ହେବାକୁ ପଡିଥିଲା । ତାଙ୍କର ଓଜନ ୭୫ କେଜିରୁ ଯାଇ ୧୦୫ କେଜିରେ ପହଞ୍ଚିଥିଲା । ଚରିତ୍ରକୁ ନ୍ୟାୟ ଦେବା ପାଇଁ ସେ ଏଭଳି ରିସ୍କ ନେଇଥିଲେ । ତାଙ୍କର ଏଭଳି ପରିଶ୍ରମ ଦର୍ଶକଙ୍କୁ ଖୁବ ପସନ୍ଦ ଆସିଛି, ତେଣୁ ଫିଲ୍ମ ସଫଳ ହେବ ବୋଲି ସମସ୍ତେ ଆଶା ରଖିଛନ୍ତି ।



**ନାଁକୁ ନେଇ ବିବାଦ:** ରାଣ୍ଡି ପୁଅ ଅନନ୍ତା ନାଁ କୁ ନେଇ ଓଡ଼ିଶାରେ ବିବାଦ ମଧ୍ୟ ଦେଖିବାକୁ ମିଳିଥିଲା । ଅନେକ ଏହି ନାଁ କୁ ବିରୋଧ କରିଥିଲେ । ରାଣ୍ଡିର ଅର୍ଥକୁ ସେମାନେ ଗାଳି ସହିତ ତୁଳନା କରିଥିଲେ । ହେଲେ ପରେ ଏହି ବିବାଦ ସମାଧାନ ହୋଇଥିଲା । ବ୍ୟସକବି ଫକୀର ମୋହନ ସେନାପତିଙ୍କର କାଳଜୟୀ ଲେଖାକୁ ଅବମାନନା କରାଯାଇ ପାରିବ ନାହିଁ ବୋଲି ଅନେକ ମତ ଦେଇଥିଲେ ।

**ଫାଷ୍ଟ ଲଭ୍:** ରଜରେ ପରଦାରେ ଏକ ଲଭ୍ ଷ୍ଟୋରୀ ମଧ୍ୟ ରିଲିଜ୍ ହେବ, ଯାହାକୁ ନେଇ ଦର୍ଶକଙ୍କ ଭିତରେ ଖୁବ ଆଗ୍ରହ ରହିଛି । ଏହି ଫିଲ୍ମଟି ସାର୍ଥକର ପ୍ରଥମ ଥିଏଟର ରିଲିଜ୍ । ଏଥିରେ ଦର୍ଶକ ଶୈଳେନ୍ଦ୍ର ଓ ଦିବ୍ୟା ମହାନ୍ତିଙ୍କୁ ଲିଡ୍ ରୋଲରେ ଦେଖିବାକୁ ପାଇବେ । ଏଥିରେ ଅନ୍ୟ ମାନଙ୍କ ଭିତରେ ଉସସି ମିଶ୍ର, ସୁଭ୍ରାଂଶୁ, ମିଳି ମହାନ୍ତି, ବୁଲୁ ପଣ୍ଡା ଆଦିଙ୍କୁ ଦେଖିବାକୁ ମିଳିବ । ଶୈଳେନ୍ଦ୍ର ଖୁବ ଭଲ ନୃତ୍ୟ ଶିଳ୍ପୀ ହୋଇଥିବାରୁ ସମସ୍ତେ ଏହି ଫିଲ୍ମରୁ କିଛି ଭଲ ଡ୍ୟାନ୍ସ ନମ୍ବର ଆଶା ରଖିଛନ୍ତି । ସେହିଭଳି ଦିବ୍ୟାଙ୍କ ସହିତ ସେ ତୃତୀୟ ଥର ପାଇଁ ସ୍କ୍ରିନ ସେୟାର କରୁଛନ୍ତି । ଉଭୟଙ୍କ କେମେଷ୍ଟ୍ରୀ ଆଗରୁ ଖୁବ ଭଲ ଜମିଛି, ଏଥର ମଧ୍ୟ ଏହି ଫିଲ୍ମରେ ଭଲ ରହିବ ବୋଲି ମେକର୍ସ ଆଶା କରିଛନ୍ତି । ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ଅଭିଷେକ ମିତ୍ର ତୁଲାଇଛନ୍ତି । ରଜରେ ଏହି ସିନେମା ଦେଖି ଦର୍ଶକ ରଜକୁ ଉପଭୋଗ କରିବେ ବୋଲି ମେକର୍ସ ଆଶା ରଖିଛନ୍ତି ।








# ରିଆଲିଟି ଶୋ’

**ରଜରେ କେବଳ ଫିଲ୍ମ ରିଲିଜ୍ ହୋଇଥାଏ ତାହା ନୁହେଁ । ଛୋଟ ପରଦାରେ ମଧ୍ୟ ଏହାର କ୍ରେଜ ଦେଖିବାକୁ ମିଳିଥାଏ । ଏକାଧିକ ଟିଭି ଚ୍ୟାନେଲ୍‌ରେ ରିଆଲିଟି ଶୋ ରଜର ଥିମ୍‌କୁ ନେଇ ପ୍ରସାରଣ କରାଯାଇଥାଏ, ଯାହାର ଭରପୂର ମଜା ଦର୍ଶକ ନେଇଥାଆନ୍ତି ।**

ରଜ ଆସିଲେ ପୁର ପଲ୍ଲୀରେ ଆରମ୍ଭ ହୋଇଥାଏ ସେଲିବ୍ରେସନର ମାହୋଲ । ସମସ୍ତେ ଏହି ତିନିଦିନ ଦୋଳି ଖେଳି, ପିଠା ଖାଇ, ପାନ ଖାଇ ମଉଜ ମଜଲିସ୍‌ରେ କାଟନ୍ତି । ତେବେ ଏଥିରେ ଫିଲ୍ମ ଦେଖା ଓ ଟିଭି ଦେଖା ଖୁବ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ରଜରେ କେବଳ ଫିଲ୍ମ ରିଲିଜ୍ ହୁଏ ତାହା ନୁହେଁ ରଜର ଅନେକ ଦିନ ଆଗରୁ ବିଭିନ୍ନ ଟିଭି ଚ୍ୟାନେଲ୍‌ରେ ପ୍ରସାରିତ ହୋଇଥାଏ ରିଆଲିଟି ଶୋ, ଯାହାକୁ ରଜ ଥିମ୍‌ରେ ପ୍ରସ୍ତୁତ କରାଯାଇଥାଏ । ଘରେଘରେ ଏହି ଧାରାବାହିକ ଗୁଡିକର କ୍ରେଜ ଦେଖିବାକୁ ମିଳିଥାଏ । ଘରେ ସମସ୍ତେ ଏକାଠି ବସି ଏହି ଶୋ ଗୁଡିକର ମଜା ନେଇ ଥାଆନ୍ତି । ଏହି ଶୋରେ ବିଜେତା ହେବା ପରେ କିଛି ଝିଅଙ୍କର ଭାଗ୍ୟ ମଧ୍ୟ ବଦଳି ଯାଇଥାଏ । ସେମାନେ ଏଥିରେ ବିଜେତା ହେବା ପରେ ଓଲିଉଡରେ ଫିଲ୍ମ କରିବାର ସୁଯୋଗ ପାଇଥାଆନ୍ତି । ଏଭଳି ଅନେକ ଉଦହରଣ ପୂର୍ବରୁ ରହିଛି, ଯେଉଁମାନେ ଏଭଳି ରିଆଲିଟି ଶୋର ବିଜେତା ହେବା ପରେ ଓଲିଉଡ ହିରୋଇନ ହୋଇ ପାରିଛନ୍ତି । କେବଳ ଫିଲ୍ମ ନୁହେଁ ସେମାନଙ୍କୁ ଛୋଟ ପରଦାରେ ସିରିଏଲ କରୁଥିବାର ମଧ୍ୟ ଦେଖିବାକୁ ମିଳିଥାଏ । ଆସନ୍ତୁ ସେହିଭଳି କିଛି ରିଆଲିଟି ଶୋ ସମ୍ପର୍କରେ ଅଳ୍ପରେ ଜାଣିବା ।

## ରଜ ରାଜ କୁମାରୀ

ଛୋଟ ପରଦାର ତରଙ୍ଗ ଚ୍ୟାନେଲ ଖୁବ ପରିଚିତ ଅଟେ । ଏଥିରେ ରଜ ଥିମ୍ ଉପରେ ପ୍ରସାରିତ ହେଉଛି ରଜ ରାଜ କୁମାରୀ । ଏହି ଶୋ ଟିର ଖୁବ କ୍ରେଜ ଦର୍ଶକଙ୍କ ଭିତରେ ରହିଛି । ଏଥିରେ ଜଜ୍ ଭାବେ ଲିପ୍ସା ଓ ବବି ମିଶ୍ରଙ୍କୁ ଦେଖିବାକୁ ମିଳିଛି । ଉଭୟ ଓଲିଉଡ ଇଣ୍ଡଷ୍ଟ୍ରୀର ବେଶ୍ ଜଣାଶୁଣା ଚେହେରା । ଏହି ପ୍ରତିଯୋଗିତାରେ ଓଡ଼ିଶାର କୋଣ ଅନୁକୋଣରୁ






ଝିଅମାନେ ସାମିଲ ହୋଇଥାଆନ୍ତି । ସେମାନେ ଏଠାରେ ନିଜର ବିଭିନ୍ନ ପ୍ରତିଭା ଦେଖାଇଥାଆନ୍ତି ଯେପରି ଗାତ ବୋଲିବା, ନୃତ୍ୟ ଓ ଅଭିନୟ । ଏହି ସମସ୍ତ ପ୍ରତିଭାକୁ ଦେଖି ଜଜ୍‌ମାନେ ସେମାନଙ୍କୁ ଜଜ୍ କରି ନିଜର ନିଷ୍ପତ୍ତି ଶୁଣାଇଥାଆନ୍ତି । ଏହି ପ୍ରତିଯୋଗିତା ଖୁବ ଅଧିକ ଦିନ ଧରି ଚାଲିଥାଏ । ରଜ ରାଜ କୁମାରୀ ଧାରାବାହିକଟି ଓଡିଆ ଟିଭି ଚ୍ୟାନେଲ ତରଙ୍ଗରେ ପ୍ରତ୍ୟେକ ଶନିବାର ଓ ରବିବାର ପ୍ରସାରିତ ହୋଇଥାଏ । ଯାହାର ଶେଷ ଜୁନ୍ ମାସ ଅର୍ଥାତ ରଜ ସମୟରେ ହୋଇଥାଏ । ଏଥିରେ ଯେଉଁ ପ୍ରତିଯୋଗୀ ଭାଗ ନେଇଥାଆନ୍ତି ସେମାନଙ୍କୁ ପ୍ରତିଯୋଗିତାପରେ ମଧ୍ୟ ବିଭିନ୍ନ ସୁଯୋଗ ମିଳିଥାଏ ।

## ରଜ ସାଇନିଂ ଷ୍ଟାର

ତରଙ୍ଗରେ ଆଉ ଏକ ରିଆଲିଟି ଶୋ ମଧ୍ୟ ଖୁବ ଚର୍ଚ୍ଚାରେ ରହିଛି । ଏହି ଶୋର ନାଁ ରଜ ସାଇନିଂ ଷ୍ଟାର । ଯେଉଁଥିରେ ପ୍ରତିଯୋଗୀମାନେ ନିଜର ଅଭିନୟର ପ୍ରତିଭା ଜଜ୍‌ଙ୍କ ଆଗରେ ଉପସ୍ଥାପନା କରନ୍ତି ଏବଂ ସେଥିରୁ ଜଜ୍‌ମାନେ ଭଲ ପ୍ରତିଭାଥିବା ପ୍ରତିଯୋଗୀଙ୍କୁ ବିଜେତା କରିଥାଆନ୍ତି । ସେମାନଙ୍କୁ ଏହି ପ୍ରତିଯୋଗିତା ଜିତିବା ପରେ ଅଭିନୟ ଦୁନିଆରେ ଅନେକ ସୁଯୋଗ ମିଳିଥାଏ । ସେହିଭଳି ଏହି ପ୍ରତିଯୋଗିତା ଗୁଡିକରେ ବେଶ୍ ଭଲ ଅଭିନୟ କରିପାରୁଥିବା ପ୍ରତିଯୋଗି ମଧ୍ୟ ରହିଥାଆନ୍ତି । ଛୋଟଛୋଟ ଗାଁରୁ ମଧ୍ୟ ଏଥିରେ ଅଭିନୟ କରିବାକୁ ଝିଅମାନେ ଆସିଥାଆନ୍ତି । ଏହିଭଳି ରିଆଲିଟି ଶୋ ଅନେକ ପ୍ରତିଯୋଗିଙ୍କୁ ସୁଯୋଗ ଦେଇଥାଏ । ଯେଉଁମାନେ ନିଜ ପ୍ରତିଭାକୁ ପ୍ରଦର୍ଶନ କରିବାକୁ ପ୍ଲାଟଫର୍ମ ପାଉନାହାନ୍ତି ସେମାନଙ୍କ ପାଇଁ ଏହା ଖୁବ ସହାୟକ ହୋଇଥାଏ ।

## ରଜ କୁଇନ୍

ରଜକୁ ନେଇ ଜି ସାର୍ଥକରେ ପ୍ରସାରିତ ହୋଇଥାଏ ରିଆଲିଟି ଶୋ ରଜ କୁଇନ୍ । ଏଥିରେ ଓଡ଼ିଶାର ପୁରପଲ୍ଲୀରୁ ଅନେକ ଝିଅ ପ୍ରତିଯୋଗିଭାବେ ଭାଗ ନେଇଥାଆନ୍ତି । ସେମାନେ ନିଜର ଅଭିନୟ, ନୃତ୍ୟ, ସଙ୍ଗୀତ. ରାମ୍ପୱାକ୍ ଭଳି ପ୍ରତିଭାକୁ ଦର୍ଶକଙ୍କ ଆଗରେ ପ୍ରଦର୍ଶନ କରନ୍ତି । ଏହି ଶୋରେ ଲିପି, ଶ୍ରୀତମ, ଦେବାଶିଷ, ସୁରମୟୀ, ଅନୁଭାଙ୍କ ଭଳି ଅଭିଜ୍ଞ କଳାକାରଙ୍କୁ ଜଜ୍ ଭାବେ ଦେଖିବାକୁ ମିଳିଥାଏ । ଜଜ୍‌ମାନେ ପ୍ରତିଯୋଗୀଙ୍କର ବିଭିନ୍ନ କଳାକୁ ଜଜ୍‌କରି ନିଜର ନିଷ୍ପତ୍ତି ଜଣାଇଥାଆନ୍ତି । ଏଥିରେ ଭାଗ ନେଇଥିବା ପ୍ରତିଯୋଗିମାନଙ୍କୁ ଓଡିଆ ଧାରାବାହିକ ଓ ଫିଲ୍ମରେ ସୁଯୋଗ ମିଳିଥାଏ । ଏଥିରେ ପ୍ରତିଯୋଗିମାନେ ଅଡିସନ ଦେବାପରେ ବିଭିନ୍ନ ରାଉଣ୍ଡ ଦେଇ ଚୟନ ହୋଇଥାଆନ୍ତି । ଏହାର ଗ୍ରାଣ୍ଡ୍ ଫାଇନାଲ ମଧ୍ୟ ରଜ ସମୟରେ ହିଁ ହୋଇଥାଏ । ରଜରେ ଏହି ରିଆଲିଟି ଶୋ ଗୁଡିକୁ ସମସ୍ତେ ଖୁବ ଉପଭୋଗ କରନ୍ତି ।

## ରଜସୁନ୍ଦରୀ

ରଜ ଥିମ୍‌କୁ ନେଇ ପ୍ରସାରିତ ହେଉଥିବା ରିଆଲିଟି ଶୋ ମଧ୍ୟରେ ରଜ ସୁନ୍ଦରୀ ଶୋର କ୍ରେଜ ଖୁବ ଅଧିକ । ସିଦ୍ଧାର୍ଥ ଟିଭିରେ ପ୍ରସାରିତ ହେଉଥିବା ଏହି ଶୋଟି ଦେଖିବାକୁ ଘରେଘରେ ଭିଡ ଯମିଥାଏ । ସନ୍ଧ୍ୟା ହୋଇଗଲେ ଟିଭି ଅନ୍ କରି ଲୋକମାନେ ବସିଯାଇଥାଆନ୍ତି ଏହାକୁ ଦେଖିବାକୁ । ପ୍ରତିସପ୍ତାହର ଗୁରୁବାରରୁ ରବିବାର ପର୍ଯ୍ୟନ୍ତ ଏହି ଧାରାବାହିକଟି ସିଦ୍ଧାର୍ଥ ଚ୍ୟାନେଲ୍‌ରେ ପ୍ରସାରିତ ହୋଇଥାଏ । ଏହି ରିଆଲିଟି ଶୋରେ ପ୍ରତିଯୋଗିମାନେ ଅଡିସନ ଜରିଆରେ ଏହି ଶୋରେ ଏଣ୍ଟ୍ରି କରିଥାଆନ୍ତି । ଏହାପରେ ବିଭିନ୍ନ ରାଉଣ୍ଡ ଦେଇ ସେମାନେ ଆଗକୁ ବଢିଥାଆନ୍ତି । ପ୍ରତିଟି ରାଉଣ୍ଡରେ ସେମାନଙ୍କୁ ସେମାନଙ୍କର କିଛି ସ୍ୱତନ୍ତ୍ର ପ୍ରତିଭା ଜଜ୍ ମାନଙ୍କ ଆଗରେ ପ୍ରଦର୍ଶନ କରିବାକୁ ହୋଇଥାଏ । ଏହି ପ୍ରତିଭାକୁ ଜଜ୍‌ମାନେ ଜଜ୍ କରିବା ସହିତ ଭଲ ପ୍ରତିଯୋଗୀଙ୍କୁ ବାଛିଥାଆନ୍ତି ଯେଉଁମାନେ ଆଗ ରାଉଣ୍ଡକୁ ଯିବେ । ଏଭଳି ଭାବେ ଟପ୍ ୧୫, ଟପ୍ ୧୦, ଟପ୍ ୫ ବଛା ଯାଇଥାଏ । ଏହାପରେ ଶେଷରେ ଗ୍ରାଣ୍ଡ୍ ଫାଇନାଲ ରାଉଣ୍ଡରେ ବିଜେତାଙ୍କୁ ବଛା ଯାଇଥାଏ । ଯିଏ ବିଜେତା ହୋଇଥାଆନ୍ତି ତାଙ୍କୁ ପ୍ରାଇଜ୍ ମନି ସହିତ ବିଭିନ୍ନ ସୁଯୋଗ ମଧ୍ୟ ପ୍ରଦାନ କରାଯାଇଥାଏ । ଚଳିତ ସିଜିନ୍‌ରେ ଏହି ଶୋରେ ଜଜ୍ ଭାବେ ଦର୍ଶକ ଓଡିଆ ପୁପିନ୍ଦର, ରିଆ, ଦୀପକଙ୍କୁ ଦେଖିବାକୁ ମିଳୁଛି । ସେହିଭଳି ପ୍ରତିଯୋଗୀଙ୍କ ଭିତରେ ଇପସିତା ରାଉତ୍, ସ୍ୱପ୍ନା ରାଣୀ, ଅର୍ପିତା ମହାନ୍ତି, ସସ୍ମିତା ବାରିକ, ଆଶାରାଣୀ ତ୍ରିପାଠୀଙ୍କ ଭଳି ଭଲଭଲ ପ୍ରତିଯୋଗୀ ସାମିଲ ଥିଲେ ।





**ରଜ ପର୍ବ କେବଳ ମଉଜ ମଜଲିସ୍‌ର ପର୍ବ ତାହା ନୁହେଁ । ଏହା ଝିଅମାନଙ୍କର ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶକୁ ମର୍ଯ୍ୟାଦାର ସହ ସୂଚାଇଥାଏ । ଏହାର ନାଁର ଅର୍ଥ ହିଁ ନାରୀମାନଙ୍କର ରଜସ୍ୱଳା ପ୍ରକ୍ରିୟା ।**

# ନାରୀଙ୍କ ପର୍ବ

ରଜ ଶବ୍ଦର ଆକ୍ଷରିକ ଅର୍ଥ ରଜବତୀ ହେବା, ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରଜସ୍ୱଳା ହେବାର ଓ ନୂଆ ଶସ୍ୟ ଜନ୍ମ ହେବାର ସାଙ୍କେତିକ ଭାବ ବହନ କରିଥାଏ । ଏହି ଦିନରେ ଚାଷୀମାନେ ବସୁମତୀ ତଥା ହଳଲଙ୍ଗଳ ପୂଜନ କରିବା ସହ ଚାଷ କାମରୁ ତିନି ଦିନ ପାଇଁ ବିରତି ନେଇଥାନ୍ତି । ରଜସ୍ୱଳାର ଅର୍ଥ ଋତୁସ୍ରାବ, ଯାହା ନାରୀକୁ ପୂର୍ଣ୍ଣତା ପ୍ରଦାନ କରିଥାଏ ବୋଲି ଲୋକକଥା ରହିଛି । ତେବେ ବିଜ୍ଞାନ ଅନୁସାରେ ପ୍ରତିଟି ଝିଅଙ୍କର ଋତୁସ୍ରାବ ଦେଖିବାକୁ ମିଳିଥାଏ ଯାହା ତାଙ୍କ ଶରୀରରେ ଘଟୁଥିବା ଏକ ପରିବର୍ତ୍ତନର ସଙ୍କେତ । ସାଧାରଣତଃ ଗୋଟିଏ ଝିଅର ୯ ବର୍ଷରୁ ୧୫ ବର୍ଷ ମଧ୍ୟରେ ଋତୁସ୍ରାବ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ତେବେ ଏହା କିଛି ସ୍ଥାନରେ ଭିନ୍ନ ହୋଇଥାଏ । ତେବେ ଏହା ଆରମ୍ଭ ହେଲେ ଝିଅମାନଙ୍କ କ୍ଷେତ୍ରରେ ବିଭିନ୍ନ ଶାରୀରିକ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଯାହା ଋତୁସ୍ରାବର ଲକ୍ଷଣ ହୋଇଥାଏ । ତେବେ ଏହି ଝିଅଙ୍କୁ ସବୁବେଳେ ଋତୁସ୍ରାବ ସମ୍ପର୍କରେ ସମସ୍ତ ତଥ୍ୟ ଦେବାର ଆବଶ୍ୟକତା ରହିଛି । ତେଣୁ ଏହି ଦିଗରେ ପରିବାର ସଦସ୍ୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେମାନେ ଏ ଦିଗରେ ପାଠ ପଢି ସଚେତନ ହୋଇପାରିଲେ ସେମାନଙ୍କ ପାଇଁ ଏହି ପରିବର୍ତ୍ତନକୁ ହ୍ୟାଣ୍ଡେଲ କରିବା ସହଜ ହୋଇଥାଏ । ଋତୁସ୍ରାବ ଚକ୍ର ୨୮ ଦିନିଆ ହୋଇଥାଏ, କିଛି ମହିଳାଙ୍କ କ୍ଷେତ୍ରରେ ଏହା ୨୧ ରୁ ୩୫ ଦିନ ମଧ୍ୟ ହୋଇଥାଏ । ଏହା ଏକ ପ୍ରକାର ହର୍ମୋନାଲ ସାଇକେଲ ଯାହା ଗୋଟିଏ ଝିଅକୁ ଗର୍ଭଧାରଣ ପାଇଁ ପ୍ରସ୍ତୁତ କରିଥାଏ । ଋତୁସ୍ରାବର ହେବା ପରେ ଜଣେ ଝିଅ ମାଆ ହେବା ପାଇଁ ସକ୍ଷମ ହୋଇଥାଏ । ଏହି ପ୍ରକ୍ରିୟାଟି ଝିଅମାନଙ୍କର ପ୍ରତିମାସରେ ଦେଖିବାକୁ ମିଳିଥାଏ । ଏହି ପ୍ରକ୍ରିୟା ୯ ବର୍ଷରୁ ଆରମ୍ଭ ହୋଇ ୪୫ ବର୍ଷ ବା ୫୦ ବର୍ଷରେ ସରିଥାଏ । ଯେତେବେଳେ କ୍ରମାଗତ ଭାବେ ୧୨ ଥର ଋତୁସ୍ରାବ ହୋଇନଥାଏ ସେତେବେଳେ ଏହି ପ୍ରକ୍ରିୟା ସମାପ୍ତ ଘଟିଥିବାନେଇ ଜଣା ପଡିଥାଏ ।

## ସ୍ୱାସ୍ଥ୍ୟ ସମସ୍ୟା

ତେବେ ଝିଅମାନଙ୍କର ଋତୁସ୍ରାବ ସମୟରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖିବାକୁ ମିଳିଥାଏ । ଏହା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଭିନ୍ନ ଭିନ୍ନ ହୋଇଥାଏ । ଏହି ସମୟରେ ନାରୀଙ୍କୁ ସଫାସୁତୁରାର ବିଶେଷ ଧ୍ୟାନ ରଖିବାର ଆବଶ୍ୟକତା ରହିଛି । ତେବେ ଆସନ୍ତୁ ଜାଣିବା କିଛି ସମସ୍ୟା ସମ୍ପର୍କରେ ଯାହା ଝିଅମାନଙ୍କ କ୍ଷେତ୍ରରେ ସାଧାରଣତଃ ଦେଖିବାକୁ ମିଳିଥାଏ ।

### ଡିସ୍‌ମେନୋରିଆ

ଏହାର ଅର୍ଥ ଋତୁସ୍ରାବ ସମୟରେ ଖୁବ ଅଧିକ କଷ୍ଟ ହେବା । ଏହି ସମୟରେ କିଛି ନାରୀଙ୍କର ଅଣ୍ଟା, ତଳିପେଟ ଓ ପିଠିରେ ଯନ୍ତ୍ରଣା ହୋଇଥାଏ । କିଛି ଜଣଙ୍କ କ୍ଷେତ୍ରରେ ବାନ୍ତି, ମୁଣ୍ଡବିନ୍ଧା ଭଳି ସମସ୍ୟା ମଧ୍ୟ ଦେଖିବାକୁ ମିଳେ ।

### ମେନୋରାଗିଆ

ଏହି ସମସ୍ୟାରେ ରୋଗୀଙ୍କର ଅତ୍ୟଧୀକ ରକ୍ତ ପ୍ରବାହ ହେବା ଦେଖିବାକୁ ମିଳିଥାଏ । ଏଭଳି ଅତ୍ୟଧୀକ ରକ୍ତ ପ୍ରବାହ କାରଣରୁ ଆନେମିଆ ଓ ଫଟିଗୋ ଭଳି ସମସ୍ୟା ଦେଖିବାକୁ ମିଳିଥାଏ । ଏଭଳି କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ ମଧ୍ୟ ଆବଶ୍ୟକ ହୋଇଥାଏ ।

### ଆମେନୋରିଆ

ଏହି ସମସ୍ୟାରେ ବେଳେବେଳେ ଋତୁସ୍ରାବ ୧୬ ବର୍ଷ ଭିତରେ ଆରମ୍ଭ ହୋଇ ନଥାଏ । ଯଦି ବା ଆରମ୍ଭ ହୋଇଥାଏ ତିନିମାନ ପରେ ବନ୍ଦ ହୋଇଯାଏ । ଏହି ସମସ୍ୟା ମଧ୍ୟ କିଛି ଲୋକଙ୍କ କ୍ଷେତ୍ରରେ ଦେଖିବାକୁ ମିଳେ ।

### କ୍ରମାଗତ ନରହିବା

କିଛି ମହିଳାଙ୍କ କ୍ଷେତ୍ରରେ ଋତୁସ୍ରାବର ସମୟ ଠିକ୍ ରୁହେ ନାହିଁ । ମାସେ ହେଲେ ଚାରିମାସ ବନ୍ଦ ରୁହେ । ଏଭଳି କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ ନେବାର ଆବଶ୍ୟକତା ରହିଛି ।



# ଧର୍ମୀୟ ଭାବନା

ଆଷାଢ ମାସରେ ପଡୁଥିବା ସଂକ୍ରାନ୍ତିକୁ ରଜସଂକ୍ରାନ୍ତି କୁହାଯାଏ । ଆମ ଦେଶ କୃଷି ପ୍ରଧାନ ଦେଶ । ଆମର ସଭ୍ୟତା ମଧ କୃଷି ପ୍ରଧାନ ସଭ୍ୟତା । ତେଣୁ ଆମର ପ୍ରାୟ ସମସ୍ତ ପର୍ବ କୃଷି ଭିତ୍ତିକ । ଚାଷ ବା କୃଷିର ପ୍ରାଣ ହେଲା ମାଟି ଓ ଜଳ । ବସୁମାତା ହେଲେ ମାଟି ଓ ଜଳର ଦେବତା ଇନ୍ଦ୍ର । ବସୁମାତା ଓ ଇନ୍ଦ୍ର ଉଭୟ ଆମର ପୂଜନୀୟ । ଆଷାଢ ମାସରେ ବର୍ଷା ହୋଇଥାଏ, ଏହି ସମୟରେ ମାଟି ଓ ଜଳର ମିଳନ ଘଟିଥାଏ । ଅର୍ଥାତ ବସୁମାତା ଓ ଇନ୍ଦ୍ରଦେବଙ୍କର ମିଳନ ଘଟିଥାଏ । ଏହି ମିଳନକୁ ସୃଷ୍ଟିର ଉତ୍ସ କୁହାଯାଇଥାଏ । ଯାହାପରେ ମାଟିରେ ନାନା ଫସଲ ଉତ୍ପନ୍ନ ହୋଇଥାଏ । ଏହି ସମୟରେ ପୃଥିବୀମାତା ରଜସ୍ୱଳା ହେଲା ବୋଲି ଧରାଯାଇଥାଏ ଯେଉଁ କାରଣରୁ ଏହି ସଂକ୍ରାନ୍ତିରେ ହୋମ ବିଧି ହୋଇ ନଥାଏ । ରଜ ସଂକ୍ରାନ୍ତି ଦିନ ପାହାନ୍ତିଆ ପ୍ରହରରୁ ଘର ଚାରିପଟେ ଗୋବର ଦିଆଯିବାର ବିଧି ରହିଛି । ସାପ ଘର ଭିତରେ ପଶି ପାରିବ ନାହିଁ ବୋଲି ଏହି ବ୍ୟବସ୍ଥା କରାଯାଇଥାଏ । ରଜର ଦ୍ୱିତୀୟ ଦିନକୁ ରଜ ସଂକ୍ରାନ୍ତି ଭାବେ ପାଳନ କରାଯାଇଥାଏ । ପରମ୍ପରା ଅନୁସାରେ ଏହି ଦିନ ଭୂମି ଉପରେ ଖାଲି ପାଦରେ ଚାଲିବାକୁ ମନା କରାଯାଇଥାଏ । କୁମାରୀମାନେ ଖାଲି ପାଦରେ ଚାଲନ୍ତି ନାହିଁ । ଅଧିକାଂଶ ସମୟ ଦୋଳିରେ ଝୁଲନ୍ତି ଏବଂ ଗୁଆ ଖୋଳପା କିମ୍ବା କଦଳି ପାଟୁକା ପିନ୍ଧି ଚାଲିବାର ନିୟମ ରହିଛି । ଏହି ଦିନ ଝିଅମାନେ ଖାଲି ପାଦରେ ଚାଲି ନଥାନ୍ତି । ଘରେଘରେ ପିଠାପଣାର ଆସର ଜମେ । ସମସ୍ତେ ଗାଁ ଦାଣ୍ଡରେ ଏକାଠି ହୋଇ ବିଭିନ୍ନ ଖେଳ ଖେଳିବା ସହ ରଜ ପାନର ମଜା ନେଇଥାଆନ୍ତି । ନୂଆ ଡ୍ରେସ, ଭଳିକି ଭଳି ଖାଦ୍ୟ ସହ ରଜପାନର ମହକରେ ଗାଁ ଦାଣ୍ଡ ପୂରିଉଠେ ।

## ବସୁମତୀ ସ୍ନାନ

ବସୁମତୀ ସ୍ନାନ ହେଉଛି ରଜ ପର୍ବର ଅନ୍ତିମ ଦିବସ । ଏହା ବସୁଧାମାତାଙ୍କ ଶୁଦ୍ଧ ସ୍ନାନ । ଏହା ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧ ସ୍ନାନ ରୂପେ ପ୍ରଖ୍ୟାତ । ବଡ଼ି ସକାଳୁ ଶିଳପୁଆରେ ହଳଦୀ କନା ଗୁଡ଼ାଇ ସିନ୍ଦୂର, କଜଳ ଦେଇ ଧରଣୀ ମାତାଙ୍କ ସ୍ୱରୂପକୁ ସଜାଇ ପିଢ଼ା ଉପରେ ସ୍ଥାପନା କରି କଳସ ଆମ୍ବଡ଼ାଳ ରଖି କ୍ଷୀର ଦେଇ ସ୍ନାନ କରାଯାଏ । ମାସିକ ଧର୍ମର ବିଧି ଅନୁଯାୟୀ ଧରଣୀ ମାତା ତିନିଦିନ ବିଶ୍ରାମ ପରେ ସ୍ନାନ କରି ଶୁଦ୍ଧ ପବିତ୍ର ହୋଇଥାନ୍ତି । ମାର୍ଗଶୀର ଶେଷ ଗୁରୁବାର ଦିନ ବନ୍ଦ ହୋଇଥିବା ମହାଲକ୍ଷ୍ମୀ ପେଡ଼ି ଏହି ଦିନ ଖୋଲାଯିବାର ବିଧି କେତେକ ସ୍ଥାନରେ ରହିଛି । ରଜସ୍ୱଳାନାରୀ ସଦୃଶ ତିନିଦିନ ଅସ୍ପୃଶ୍ୟ ହୋଇ ରହିବାପରେ ଚତୁର୍ଥ ଦିନ ପ୍ରାତଃ କାଳରେ ଏହି ଶୁଦ୍ଧ ସ୍ନାନ ପର୍ବ ପାଳନ କରାଯାଇଥାଏ । ଏହି ଦିନ ରଜପର୍ବର ଆନନ୍ଦ ଉଲ୍ଲାସ ମଉଳି ଯାଇ ଆଧ୍ୟାତ୍ମିକତା ସ୍ଥାନ ନେଇଥାଏ । ଏହି ବସୁମତୀ ସ୍ନାନ ଦିବସରେ ଧରଣୀ ମାତା ପ୍ରତି ଭକ୍ତିଭାବ ଜାଗ୍ରତ ହୋଇଥାଏ । ବସୁମାତା ରଜସ୍ୱଳା ହୋଇ ଶୁଦ୍ଧସ୍ନାନ ପରେ ସୃଜନ କ୍ଷମତାଶୀଳା ଅର୍ଥାତ ଶସ୍ୟ ବୀଜ ଧାରଣକାରିଣୀ ହୋଇପାରିଥାନ୍ତି । ରଜରେ ବସୁମାତାଙ୍କୁ ସଂପୂର୍ଣ୍ଣ ବିଶ୍ରାମ ଦିଆଯାଇଥାଏ । ତେଣୁ ରଜ ବେଳେ ଚାଷ କାମ ବନ୍ଦ ରହିଥାଏ । ଏହି ସମୟରେ ମାଟି ଖୋଳିବା ମନା ହୋଇଥାଏ । ସେହିଭଳି ଏହି ସମୟରେ ଝିଅମାନଙ୍କୁ ରଜସ୍ୱଳା ନାରୀର କର୍ତ୍ତବ୍ୟ ବିଷୟରେ ଜ୍ଞାନ ପ୍ରଦାନ କରାଯାଇଥାଏ । ଏହି ତିନିଦିନ ଘରେଘରେ ପିଠା ପଣା ଓ ନାନା ଦି ସୁସ୍ୱାଦୁ ବ୍ୟଞ୍ଜନର ଆସର ଯମିଥାଏ । ଦୋଳି ଖେଳ, ପୁଚି ଖେଳ, ତାସ ଖେଳ ଆଦିରେ ଏହି ତିନି ଦିନ କଟିଥାଏ ।

**ରଜ ପର୍ବ ସହିତ ଅନେକ ଧର୍ମୀୟ ଭାବନା ମଧ ଜଡିତ ରହିଛି । ଏହି ତିନିଦିନର ଧର୍ମୀୟ ଅର୍ଥ ମଧ ଭିନ୍ନଭିନ୍ନ ।**



## ରଜ ପାଳନର ନିୟମ

ରଜ ମୁଖ୍ୟତଃ ଝିଅମାନଙ୍କର ପର୍ବ ହୋଇଥାଏ । ଏହି ତିନି ଦିନ ଧରି ସେମାନଙ୍କ ପାଇଁ ବିଭିନ୍ନ ପ୍ରକାର ନିୟମ ରହିଥାଏ । ସେମାନଙ୍କୁ ଘରର କୌଣସି କାମ କରିବାକୁ ଦିଆଯାଇ ନଥାଏ । ସେମାନେ ଏହି ତିନିଦିନ ଧରି ଭୂମି ଉପରେ ଖାଲି ପାଦରେ ଚାଲନ୍ତି ନାହିଁ । କୌଣସି ସାମଗ୍ରୀକୁ କାଟନ୍ତି ନାହିଁ କିମ୍ବା ବାଟନ୍ତି ନାହିଁ । ଏପରି କି ସେମାନଙ୍କ ଖାଇବା ଉପରେ ମଧ ଏହି ତିନିଦିନରେ ବାରଣ ରହିଥାଏ । ସେମାନେ ଏହି ତିନି ଦିନ ରାତିରେ ଭାତ ଖାଇପାରିବେ ନାହିଁ । ତେଣୁ ସେମାନେ ପ୍ରତିଦିନ ସନ୍ଧ୍ୟା ପୂର୍ବରୁ ରଜ ପାଳନ୍ତି । ଯାହାର ଅର୍ଥ ସେମାନେ ସନ୍ଧ୍ୟା ପୂର୍ବରୁ ଭାତ ଖାଇଥାଆନ୍ତି । ରାତିରେ ସେମାନେ କେବଳ ପିଠା ଖାଇ ଶୋଇଥାଆନ୍ତି । ଏହି ସମସ୍ତ ନିୟମ ଋତୁସ୍ରାବ ସହିତ ଜଡିତ ବୋଲି ବର୍ଣ୍ଣନା ରହିଛି ।



# କେଉଁଠି କେମିତି

**ଓଡ଼ିଶାର ଗଣପର୍ବ ଭାବେ ପରିଚିତ ରଜକୁ ବିଭିନ୍ନ ଜିଲ୍ଲାରେ କିଛି ସ୍ୱତନ୍ତ୍ରଭାବେ ପାଳନ କରିଥାଆନ୍ତି । ପ୍ରତିଟି ସ୍ଥାନର ସାଂସ୍କୃତିକ ପ୍ରଭାବ ଏହି ପର୍ବ ପାଳନ ଉପରେ ପଡିଥାଏ । ତେଣୁ ପ୍ରତିଟି ସ୍ଥାନରେ ଏହାର ପାଳନରେ ଭିନ୍ନତା ଦେଖିବାକୁ ମିଳିଥାଏ ।**

## କଟକ

କଟକର ମୁଖ୍ୟ ପର୍ବଭାବେ ରଜ ପରିଚିତ । ବର୍ଷସାରା ଏଠିକାର ବାସିନ୍ଦା ରଜ ପର୍ବ ପାଳନ କରିବାକୁ ଚାହିଁ ଥାଅନ୍ତି । ସେମାନେ ଖୁବ ଜାକଜମକରେ ରଜକୁ ପାଳନ କରିଥାଆନ୍ତି । କେବଳ ଝିଅ ନୁହେଁ କଟକରେ ପୁଅ ମାନେ ମଧ୍ୟ ରଜକୁ ଖୁବ ଆଗ୍ରହରେ ପାଳନ କରନ୍ତି । ସମସ୍ତେ ନିଜନିଜ କର୍ମ କ୍ଷେତ୍ରରୁ ଛୁଟି ନେଇ ଗାଁରେ ଏକାଠି ହୋଇଥାଆନ୍ତି । ପ୍ରତିଟି ଘରେ ଦୋଳି, ପିଠା, ମାଂସର ଆସନ ଯମିଥାଏ । ସ୍ଥାନେସ୍ଥାନେ ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ । ପ୍ରତିଘରେ ଭୋଜି ଭାତର ଆୟୋଜନ ହୋଇଥାଏ । ସମସ୍ତେ ଖୁବ ଖୁସିରେ ନୂଆ ଡ୍ରେସ ପିନ୍ଧି ପିଠା ଖାଇ ଏହାର ଆନନ୍ଦ ନେଇଥାଆନ୍ତି । ସେହିଭଳି କଟକର ବିଭିନ୍ନ ସ୍ଥାନରେ ପାନ ଦୋକାନ ଖୋଲିଥାଏ । ରଜ ପାନର ମଜା ହିଁ କିଛି ଅଲଗା । ଏହି ପାନ ଗୁଡିକରେ ବିଭିନ୍ନ ପ୍ରକାର ମସଲା ପକାଯାଇ ପ୍ରସ୍ତୁତ କରାଯାଇଥାଏ । ଚେରି ଦିଆଯାଇ ଖୁବ ସୁନ୍ଦର ଭାବେ ଏହାକୁ ଭଙ୍ଗାଯାଇ ବିକ୍ରି କରାଯାଇଥାଏ, ଯାହାକୁ ଖାଇବାକୁ ସମସ୍ତଙ୍କର ଭିଡ ଯମିଥାଏ । ସେହିଭଳି ଏଠାରେ ବିଭିନ୍ନ ସ୍ଥାନରେ ଦୋଳି ବନ୍ଧାଯାଇଥାଏ ଯେଉଁଠାରେ ଝିଅ ବୋହୂମାନେ ଏକାଠି ହୋଇ ଖେଳର ମଜା ନେଇଥାଆନ୍ତି ।





## ପୁରୀ

ପୁରୀରେ ମଧ୍ୟ ରଜକୁ ଖୁବ ଧୁମାଧାମରେ ପାଳନ କରାଯାଇଥାଏ । ଏଠାରେ ରଜ ତିନିଦିନ ସହିତ ବସୁମତି ସ୍ନାନର ମହତ୍ତ୍ୱ ଖୁବ ଅଧିକ । ଯାହାକୁ ଗ୍ରାମୀଣ ଭାଷାରେ ଠାକୁରାଣୀ ଗାଧୁଆ କୁହାଯାଇଥାଏ । ଏହି ଦିନ ମହାଲକ୍ଷ୍ମୀଙ୍କର ପୂଜା ଅନୁଷ୍ଠିତ ହୋଇଥାଏ । ମହାଲକ୍ଷ୍ମୀଙ୍କୁ ସକାଳୁ ହଳଦୀ ପାଣିରେ ଗାଧୁଆଯାଇ ଭୋଗ ଲଗା ଯାଇଥାଏ । ସେହିଭଳି ପୁରୀରେ ମଧ୍ୟ ରଜ ତିନିଦିନ ନୂଆ ପୋଷାକ ପିନ୍ଧିବା ସହିତ ଦୋଳି ଖେଳି ଝିଅମାନେ ରଜ ପାଳିଥାଆନ୍ତି । ସମସ୍ତଙ୍କ ସମୟ ବୁଲାବୁଲିରେ କଟିଥାଏ । ଗାଁ ମାନଙ୍କରେ ବିଭିନ୍ନ ସ୍ଥାନରେ ଲୋକମାନେ ଏକାଠି ହୋଇ ବିଭିନ୍ନ ଖେଳ ଖେଳୁଥିବାର ଦେଖିବାକୁ ମିଳିଥାଏ ।

## ବଲାଙ୍ଗିର

ବଲାଙ୍ଗିରରେ ରଜ ପର୍ବର ପାଳନ ବିଶେଷଭାବେ ଚାଷ କାର୍ଯ୍ୟ ସମ୍ବନ୍ଧିତ ହୋଇଥାଏ । ଏହି ସମୟରେ ଏଠାରେ ନାରୀମାନଙ୍କୁ ସମସ୍ତ କାର୍ଯ୍ୟରୁ ପୂରା ପୁରି ଛୁଟି ଦିଆଯାଇଥାଏ । ସେମାନେ ନୂଆ ଲୁଗା ପିନ୍ଧି ଦୋଳି ଖେଳି ପିଠା ଖାଇ ରଜର ମଜା ନେଉଥିବାର ଦେଖିବାକୁ ମିଳିଥାଏ । ଏଠାର ମୁଖ୍ୟ ଆକର୍ଷଣ ହୋଇଥାଏ ପୋଡ ପିଠା, ଯାହା ଘରେ ଘରେ ପ୍ରସ୍ତୁତ ହୋଇଥାଏ । ସେହିଭଳି ଏଠାରେ କିଛି ସ୍ଥାନରେ ରଜ ମେଳାର ଆୟୋଜନ କରାଯାଇଥାଏ । ଯେଉଁଠାରେ ବିଭିନ୍ନ ଦୋକାନରେ ସାମଗ୍ରୀ ବିକ୍ରି କରାଯାଇଥାଏ ।

## ସମ୍ବଲପୁର

ସମ୍ବଲପୁରରେ ମଧ୍ୟ ରଜକୁ ଖୁବ ଧୁମଧାମରେ ପାଳନ କରିଥାଆନ୍ତି । ଏହି ଦିନ ଝିଅବୋହୂମାନେ ଏକାଠି ହୋଇ ସେମାନଙ୍କର ପାରମ୍ପରିକ ଶାଢି ସମ୍ବଲପୁରୀ ଶାଢି ପିନ୍ଧି ଦୋଳି ଖେଳି, ପିଠା ଖାଇ ଏହି ପର୍ବର ମଜା ନେଇଥାଆନ୍ତି । ବିଭିନ୍ନ ସ୍ଥାନରେ ମେଳା ର ମଧ୍ୟ ଆୟୋଜନ କରାଯାଇଥାଏ । ସ୍ଥାନୀୟ ବାସିନ୍ଦାମାନେ ନିଜ ଘରକୁ ବିଭିନ୍ନ ପ୍ରକାର ସାମଗ୍ରୀରେ ସଜାଇଥାଆନ୍ତି । ଛକ ମାନଙ୍କରେ ବିଭିନ୍ନ ପ୍ରକାର ଖେଳର ଆୟୋଜନ କରାଯାଇଥାଏ । ସମସ୍ତେ ମିଳିମିଶି ବିଭିନ୍ନ ଖେଳର ମଜା ନେଇଥାଆନ୍ତି ।

## ବୋଉ ହାତ ପୋଡ଼ପିଠା ଖୁବ ପସନ୍ଦ



ଯେହେତୁ ବାହାରେ ରହୁଛି, ରଜ ପାଇଁ ଖୁବ ଆଗରୁ ପ୍ଲାନିଂ କରିବାକୁ ପଡିଥାଏ । ଘରକୁ ଯିବା ଆଗରୁ ଛୁଟି ନେବାକୁ ପଡିଥାଏ । ସେହିଭଳି ଗାଁକୁ ଯିବାକୁ ଥିବାରୁ ମନରେ ଖୁବ ଖୁସି ଥାଏ । ନିଜ ପାଇଁ ନୂଆ ଡ୍ରେସ ସହିତ ଘର ଲୋକଙ୍କ ପାଇଁ ନୂଆ ଡ୍ରେସ ଓ ବିଭିନ୍ନ ସାମଗ୍ରୀ ଧରି ଗାଁରେ ପହଞ୍ଚିଯାଏ । ସେଠାରେ ପରିବାର ସହିତ ଖୁବ ଖୁସିରେ ରଜ ପାଳିଥାଉ । ସବୁଠାରୁ ପସନ୍ଦ ହୋଇଥାଏ ବୋଉ ହାତର ରଜ ପୋଡ ପିଠା । ଘରେ ବୋଉ ବିଭିନ୍ନ ପ୍ରକାର ପୋଡ ପିଠା ଯେପରି ପଣସ, ତାଳ ଓ ବିରିର ପ୍ରସ୍ତୁତ କରେ, ଯାହା ମୋତେ ଖୁବ ଭଲ ଲାଗିଥାଏ । ସେହିଭଳି ବାଡି ଆମ୍ବ ଓ ତାଳ ମଧ୍ୟ ଖାଇବାକୁ ମିଳିଥାଏ । ଘରେ ଭାଇ ଭଉଣୀଙ୍କ ସହିତ ଦୋଳି ଖେଳ, ତାସ, ଲୁଡୁ ଖେଳରେ ସମୟ ବିତିଥାଏ । ଗାଁରେ ଘର ହୋଇଥିବାରୁ ରଜର ଖୁବ ମଜା ନେଇଥାଉ । ଗାଁ ଦାଣ୍ଡରେ ସମସ୍ତେ ବିଭିନ୍ନ ଖେଳ ଖେଳୁଥିବାର ଦେଖିବାକୁ ମିଳେ, ଯାହା ଖୁବ ମନଲୋଭା ହୋଇଥାଏ ।

**–ଲିପ୍‌ସିତା ମହାପାତ୍ର, ସାକ୍ଷୀଗୋପାଳ, ପୁରୀ**

## ରଜ ଆୟୋଜନ ସବୁବେଳେ ସ୍ୱତନ୍ତ୍ର



ଗାଁରେ ରଜ ପାଳନ ବେଶ୍ ସ୍ୱତନ୍ତ୍ର ଭାବେ ହୋଇଥାଏ । ଏହି ତିନିଦିନ ଦୋଳି ଖେଳରେ ସମୟ କଟିଥାଏ । ଘରେ ପ୍ରସ୍ତୁତ ହୋଇଥିବା ପୋଡ ପିଠା, ମାଂସ ଝୋଳ ସବୁଠାରୁ ବେଶି ଭଲ ଲାଗିଥାଏ । ସେହିଭଳି ସାଙ୍ଗସାଥୀଙ୍କ ସହିତ ବୁଲାବୁଲି କରିବାକୁ ଭଲ ଲାଗିଥାଏ । ବିଶେଷକରି ଆମ ଗାଁରେ ରଜରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥାଏ । ପୁଚି, ଦଉଡିଡିଆଁ, ଗୀତ, ନାଚର ପ୍ରତିଯୋଗିତା ହୋଇଥାଏ । ସେଥିରେ ଭାଗ ନେବାକୁ ଖୁବ ଖୁସି ଲାଗିଥାଏ । ବିଜେତାଙ୍କୁ ଖୁବ ଭଲ ପ୍ରାଇଜ ମଧ୍ୟ ଦିଆଯାଇଥାଏ । ଘର ବନ୍ଧୁ ବାନ୍ଧବରେ ପୂରି ଥାଏ । ସେମାଙ୍କ ସହିତ ସଜ ହେବାରେ ଆନନ୍ଦ ଥାଏ । ମେହେନ୍ଦି ଲଗା, ଅଳତା ଲଗାରେ ସମୟ ବିତିଥାଏ । ସମସ୍ତେ ଖୁବ ମଜା କରୁ ।

**–ଗୀତାରାଣୀ ବିଶ୍ୱାଳ, କଣ୍ଟି, ବାହାରଣା, ଜଗତ୍‌ସିଂହପୁର**



## ଗାଁରେ ବୁଲାବୁଲି କରିବା ଖୁବ ପସନ୍ଦ



ଗାଁରେ ରଜ ପାଳିବା ଖୁବ ସୁନ୍ଦର ଅନୁଭୂତି ଦେଇଥାଏ । ସମସ୍ତ ସାଙ୍ଗସାଥୀଙ୍କ ସହିତ ମିଶି ଖୁବ ଭଲରେ ରଜ ସେଲିବ୍ରେଟ କରିଥାଏ । ସକାଳୁ ନୂଆ ଡ୍ରେସ ପିନ୍ଧି ସାଙ୍ଗ ସାଥୀଙ୍କ ସହିତ ଗାଁରେ ବୁଲାବୁଲି କରିବାକୁ ବାହାରିଯାଉ । ଏହାପରେ ଘରେ ପ୍ରସ୍ତୁତ ହୋଇଥିବା ମାଂସ ସହିତ ବିଭିନ୍ନ ପ୍ରକାର ଖାଦ୍ୟର ମଜା ନେଇଥାଉ । ଖାଇବା ପରେ ପାନ ଖାଇବାକୁ ଭୁଲି ନଥାଉ । ଏହାପରେ ଖେଳର ଆସର ଜମିଥାଏ । ଘରେ ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କ ସହିତ ମିଶି ତାସ, ଲୁଡୁ, କ୍ୟାରମ୍, କଉଡି ଆଦି ଖେଳର ମଜା ନେଇଥାଉ । ଏହି ଦିନ ଘରକୁ କୁଣିଆ ଆସିଥାଆନ୍ତି, ସେମାନଙ୍କ ସହିତ ମଜା କରିବାରେ ଖୁବ ଖୁସି ଲାଗିଥାଏ । ରଜ ତିନିଦିନ କିଭଳି କଟିଯାଏ ଜଣା ପଡିନଥାଏ । ସବୁଦିନ କିଛି ନା କିଛି ସ୍ଥାନ ବୁଲିବାର ପ୍ରୋଗ୍ରାମ ମଧ୍ୟ ରହିଥାଏ ।

**–ରାଜଲକ୍ଷ୍ମୀ ନାୟକ, ଜଗତସିଂପୁର**

## ଝିଅକୁ ସଜ କରିବା ଆନନ୍ଦ ଦେଇଥାଏ



ବିବାହ ପରେ ମଧ୍ୟ ରଜ ପାଇଁ ଆଗ୍ରହ କମିନି । ବର୍ତ୍ତମାନ ନିଜେ ରଜ ପାଳିବା ସହିତ ଝିଅକୁ ମଧ୍ୟ ରଜ ପାଇଁଦ୍ଧ ସଜବାଜ କରୁଛି । ଜଗତସିଂପୁରରେ ରଜ ଖୁବ ଧୁମ ଧାମରେ ପାଳନ ହୋଇଥାଏ । ସମସ୍ତେ ନୂଆ ଡ୍ରେସ ପିନ୍ଧି ପିଠା, ପାନ ଖାଇ ଦୋଳି ଖେଳନ୍ତି । ଗାଁମୁଣ୍ଡ ତୋଟାରେ ସମସ୍ତେ ଏକାଠି ହୋଇ ଦୋଳି ଖେଳୁଥିବାର ଦୃଶ୍ୟ ସବୁଠାର ମନୋରମ ହୋଇଥାଏ । ବର୍ତ୍ତମାନ ଝିଅକୁ ରଜ ପାଇଁ ସଜ କରିବାରେ ବେଶି ସମୟ ଦେଉଛି । ତାକୁ ନୂଆଡ୍ରେସ ପିନ୍ଧାଇ, ଚନ୍ଦନରେ ତା ମଥାକୁ ସଜାଇଥାଏ । ସେ ମଧ୍ୟ ଖୁବ ଖୁସି ହୁଏ । ପିଠା ଖାଇବାକୁ ସେ ଭଲ ପାଏ, ତେଣୁ ତା ପାଇଁ ମୁଁ ବିଭିନ୍ନ ପ୍ରକାରର ପିଠା ରଜରେ ପ୍ରସ୍ତୁତ କରିଥାଏ ବିଶେଷ ଭାବେ ପୋଡ ପିଠା । ପୂରା ପରିବାର ସହିତ ଖୁବ ଜାକଜମକରେ ରଜ ପାଳନ କରିଥାଏ ।

**–ସୁଦିପ୍ତା ନାୟକ, ଜଗତସିଂପୁର**



## ଘରେ ବସି ଖେଳିବାର ମଜା ନିଆରା



ରଜ ସମସ୍ତଙ୍କ ପାଇଁ ଭିନ୍ନ ହୋଇଥାଏ । ମୁଁ ପୁରୀରେ ରହୁଥିବାରୁ ଆମର ଏଠି ଭିନ୍ନ ପ୍ରକାରର ରଜ ପାଳନ ହୋଇଥାଏ । ଆମେ ସମସ୍ତେ ପରିବାର ସହିତ ନୂଆ ଡ୍ରେସ ପିନ୍ଧି ଘରେ ଦୋଳି ଖେଳିଥାଉ । ପୋଡପିଠା ସହିତ ବିଭିନ୍ନ ଖାଦ୍ୟ ଖାଇବା ପରେ ସମସ୍ତେ ମିଶି ସମୁଦ୍ର ସହିତ ଆଖ ପାଖରେ ଥିବା ସମସ୍ତ ପର୍ଯ୍ୟଟନସ୍ଥଳୀ ବୁଲିଥାଉ । ଏହି ସମୟରେ ଘରକୁ କୁଣିଆ ଆସିଥାଆନ୍ତି । ସମସ୍ତେ ମିଳିମିଶି ଖୁବ ମଉଜ କରୁ । ଘରେ ବିଭିନ୍ନ ପ୍ରକାରର ପିଠା, ମାଂସ ସହିତ ଅନ୍ୟ ଖାଦ୍ୟ ରନ୍ଧା ହୋଇଥାଏ । ସମସ୍ତେ ମିଳିମିଶି ସେଗୁଡିକର ମଜା ନେଉ । ସେହିଭଳି ସମସ୍ତେ ମିଶି ବିଭିନ୍ନ ପ୍ରକାର ଖେଳ ଖେଳିଥାଉ । ଯେହେତୁ ପୁରୀ ଏକ ସହର ତେଣୁ ଏଠାରେ ବାହାର ଖେଳ ଯେପରି ପୁଚି, କବାଡି ଖେଳିବା ସମ୍ଭବ ହୋଇନଥାଏ । ହେଲେ ଘରେ ବସି ତାସ, ଲୁଡ, ଚେସ୍, କ୍ୟାରମର ମଜା ନେଇଥାଉ ।

**–ଜ୍ୟୋର୍ତିମୟୀ ଦାଶ, ପୁରୀ**

## ରଜର ମହତ୍ତ୍ୱ ଅବର୍ଣ୍ଣନୀୟ



ବିବାହ ପରେ ଭୁବନେଶ୍ୱରରେ ରହୁଥିବାରୁ ରଜ ପାଇଁ ଖୁବ ଆଗରୁ ପ୍ରସ୍ତୁତ ହୋଇଥାଏ । କିନ୍ତୁ ଗାଁରେ ସମସ୍ତଙ୍କ ସହିତ ରଜ ପାଳନର ମଜା କିଛି ଅଲଗା । ଝିଅ ବେଳେ ଖୁବ ଧୁମଧାମରେ ରଜ ପାଳୁଥିଲୁ । ସାଙ୍ଗସାଥୀଙ୍କ ସହିତ ଗାଁ ବୁଲା, ଦୋଳି ଖେଳ, ପୁଚି ଖେଳ ଆଦି ଏବେ ବି ମନେପଡେ । ବର୍ତ୍ତମାନ ଏ ସବୁ ନକରି ପାରିଲେ ବି ପରିବାର ସହିତ ଖୁବ ଭଲରେ ରଜ ପାଳେ । ଘରେ ଭଳିକିଭଳି ପିଠା ଓ ରୋଷେଇ କରିଥାଏ । ଘରକୁ ସମସ୍ତେ ବନ୍ଧୁ ଆସିଥାଆନ୍ତି । ସେମାନଙ୍କ ସହିତ ଖୁବ ଖୁସିରେ ରଜ ତିନିଦିନ କଟିଯାଏ । ସେହିଭଳି ଦୋଳି ଖେଳିବା ମୋର ଖୁବ ପସନ୍ଦ, ତେଣୁ ଘରେ ଦୋଳି ବନ୍ଧା ହୁଏ, ମୁଁ ଖେଳେ ମଧ୍ୟ । ଏହାସହ ସମସ୍ତଙ୍କୁ ପାନ ଭାଙ୍ଗି ମଧ୍ୟ ଦେଇଥାଏ । ରଜର ମହତ୍ତ୍ୱ ଓଡିଆ ଘରର ଝିଅ ଜୀବନରେ ଖୁବ ଅଧିକ ।

**–ଶାନ୍ତାଦୀପା ଦାଶ, ଧନିଶୋ, ବାଲିକୁଦା, ଜଗତ୍‌ସିଂହପୁର**

**ଓଲିଉଡର ଆଗ ଧାଡିର ନାୟିକାଙ୍କ ଭିତରେ ଅର୍ଚ୍ଚିତା ସାହୁଙ୍କର ନାଁ ସବୁଠାରୁ ଆଗରେ ଆସିଥାଏ । ତାଙ୍କ ଅଭିନୟ ବଡ ପରଦାରେ ଦେଖିବାକୁ ଫ୍ୟାନ୍‌ମାନେ ସବୁବେଳେ ଚାହିଁ ବସି ଥାଆନ୍ତି । ରଜରେ ନିଜ ଫ୍ୟାନଙ୍କ ପାଇଁ ଅର୍ଚ୍ଚିତା ଏକ ଭିନ୍ନ ସ୍ୱାଦର ଫିଲ୍ମ ବୋଉ ବୁଟୁ ଭୂତ ନେଇ ଆସିଛନ୍ତି ।**

# ଏକ୍ସପେରିମେଣ୍ଟପ୍ରିୟ ଅର୍ଚ୍ଚିତା



ଲଗାତାର ନିଜ ଫିଲ୍ମକୁ ନେଇ ଚର୍ଚ୍ଚାରେ ଅଛନ୍ତି ଅଭିନେତ୍ରୀ ଅର୍ଚ୍ଚିତା ସାହୁ । ନିକଟରେ ଫିଲ୍ମ ପାଦେ ଆକାଶ ତାଙ୍କୁ ଖୁବ ଲାଇମ୍ ଲାଇଟ୍‌ରେ ରଖିଥିଲା । ଏହି ଫିଲ୍ମରେ ସେ ଏକ ଭିନ୍ନ ଚରିତ୍ରରେ ନଜର ଆସିଥିଲେ । ସେହିଭଳି ଆଉ ଏକ ଭିନ୍ନ ଫିଲ୍ମ ବୋଉ ବୁଟୁ ଭୂତରେ ଅର୍ଚ୍ଚିତାଙ୍କୁ ଦେଖିବାକୁ ମିଳୁଛି । ଏଥିରେ ତାଙ୍କ ଚରିତ୍ର ଖୁବ ଭିନ୍ନ ରହିଛି । କିଭଳି ଜଣେ ଗୁଣିଗାରେଡି ପରିବାରର ପୁଅକୁ ସେ ଭଲ ପାଇଛନ୍ତି, ହେଲେ ତାଙ୍କ ବିବାହରେ ଖୁବ ସମସ୍ୟା ଉପୁଜିଛି ଏହାକୁ ନେଇ ଫିଲ୍ମର କାହାଣୀ ଗତିଶୀଳ । ଏଥିରେ ଅର୍ଚ୍ଚିତାଙ୍କ ଅଭିନୟକୁ ସମସ୍ତେ ଖୁବ ପ୍ରଶଂସା କରୁଥିବାର ଦେଖିବାକୁ ମିଳୁଛି । ୧୯୯୦ ଜୁନ୍ ୨୯ରେ ରାଉରକେଲାରେ ଜନ୍ମଗ୍ରହଣ କରିଥିବା ଅର୍ଚ୍ଚିତା ଭୁବନେଶ୍ୱରର ଡେମୋନଷ୍ଟ୍ରେସନ ଓ ମଲ୍ଟିପରପସ ସ୍କୁଲରୁ ଯୁକ୍ତ ୨ ପରେ କଳିଙ୍ଗ ଇନଷ୍ଟିଚୁଟ ଅଫ ଇଣ୍ଡଷ୍ଟ୍ରିଆଲ ଟେକନୋଲୋଜିରେ ଇଞ୍ଜିନିଅରିଙ୍ଗ, ଓ ଏମ.ବି.ଏରେ ଉତ୍ତୀର୍ଣ୍ଣ ହେଇଛନ୍ତି । ପିଲାଦିନୁ ନୃତ୍ୟ ପାଇଁ ଅର୍ଚ୍ଚିତାଙ୍କର ଖୁବ ଦୁର୍ବଳତା ରହିଥିଲା । ସେ ଓଡିଶୀରେ ପ୍ରଶିକ୍ଷଣ ମଧ୍ୟ ନେଇଛନ୍ତି । ସେ ଅନେକ ସମୟରେ ଓଡିଶୀକୁ ବିଭିନ୍ନ ଜାତୀୟ ସ୍ତରରେ ପ୍ରଦର୍ଶନ କରୁଥିବାର ଦେଖିବାକୁ ମିଳିଥାଏ । କେବଳ ନୃତ୍ୟ ନୁହେଁ ତାଙ୍କର ଅଭିନୟ ପ୍ରତି ଥିବା ଦୁର୍ବଳତା ତାଙ୍କୁ ଆଜି ଏଠାରେ ପହଞ୍ଚାଇଛି । ତାଙ୍କର ମଡେଲିଂ ଜଗତରେ ମଧ୍ୟ ନାଁ ରହିଛି । ୨୦୧୩ରେ ତାଙ୍କୁ କୋଲକାତା ରିଜନର ଫେମିନା ମିସ୍ ଇଣ୍ଡିଆ ପ୍ରତିଯାଗିତାରେ ଦେଖିବାକୁ ମିଳିଥିଲା । ଏଥିରେ ସେ ଫାଷ୍ଟ ରନର୍ସ ଅପ ଘୋଷିତ ହୋଇଥିଲେ । ଯାହା ଓଡ଼ିଶା ପାଇଁ ଗର୍ବ ଥିଲା । ସେହିଭଳି ୨୦୦୪ରେ ଖୁବ କମ ବୟସରେ ସେ ମିସ୍ କଳିଙ୍ଗ କ୍ରାଉନର ବିଜେତା ହୋଇଥିଲେ । ତେବେ ଏଭଳି ଜାତୀୟ ସ୍ତରୀୟ ପ୍ରତିଯୋଗିତା ଜିତିବା ପରେ ବଲିଉଡରେ ସୁଯୋଗ ମିଳିବା ସହଜ ହୋଇଥାଏ ହେଲେ ଅର୍ଚ୍ଚିତାଙ୍କ ନିଜ ରାଜ୍ୟ ଓଡ଼ିଶା ପାଇଁ ଥିବା ଅନନ୍ୟ ଭଲପାଇବା ତାଙ୍କୁ ଓଡ଼ିଶାରେ ରଖିଥିଲା । ସେ ବଲିଉଡ ପରିବର୍ତ୍ତେ ଓଲିଉଡରେ ହିଁ ନିଜ କ୍ୟାରିୟର ଗଢିଥିଲେ । ୨୦୦୫ରେ ସେ ଓ ମାଇ ଲଭ୍ ଫିଲ୍ମ ଜରିଆରେ ଓଲିଉଡ ଫିଲ୍ମ ଡେବ୍ୟୁ କରିଥିଲେ । ଏହାପରେ ତାଙ୍କୁ ଗୋଟେ ପରେ ଗୋଟେ ହିଟ୍ ଫିଲ୍ମରେ ଦେଖିବାକୁ ମିଳିଥିଲା । ତାଙ୍କୁ ବାବୁ ଆଉ ଲଭ୍ୟୁ ୟୁ, ତୋ ବିନା ମୋ କାହାଣୀ ଅଧା, ଆକାଶେ କି ରଙ୍ଗ ଲାଗିଲା, ଲୋଫର, ଏସିପି ସାଗରିକା, ରଜାଝିଅ ସଂଗେ ହେଇଗଲା ଭାବ, କେବେ ତମେ ନାହଁ କେବେ ମୁଁ ନାହିଁ ଭଳି ଫିଲ୍ମରେ ଦେଖିବାକୁ ମିଳିଥିଲା । ପ୍ରାୟ ସବୁ ଫିଲ୍ମରେ ଦର୍ଶକ ତାଙ୍କୁ ଖୁବ ଭଲ ପାଇବା ଦେଇଥିଲେ ଯାହା ଫଳରେ ସେ ଓଲିଉଡର ଷ୍ଟାର ହିରୋଇନ୍‌ଙ୍କ ତାଲିକାରେ ସାମିଲ ହୋଇଥିଲେ । ଅର୍ଚ୍ଚିତା ୨୦୨୧ ସୁଦ୍ଧା ପାଖାପାଖି୨୫ଟି ଓଡ଼ିଆ କଥାଚିତ୍ରରେ ଅଭିନୟ କରିସାରିଛନ୍ତି । ଆଗକୁ ମଧ୍ୟ ଏହି ଧାରା ଆହୁରି ଜାରି ରହିବ । ୨୦୨୧ ମସିହା ମାର୍ଚ୍ଚ ୧ତାରିଖରେ ସେ ଅଭିନେତା ସବ୍ୟସାଚୀ ମିଶ୍ରଙ୍କୁ ବିବାହ କରିଥିଲେ । ଏହା ତାଙ୍କର ପ୍ରେମ ବିବାହ ଥିଲା । ତେବେ ସବ୍ୟସାଚୀଙ୍କ ଏହା ଦ୍ୱିତୀୟ ବିବାହ ଥିବାରୁ ସେତେବେଳେ ଏହା ଚର୍ଚ୍ଚାରେ ରହିଥିଲା । ବର୍ତ୍ତମାନ ପ୍ରଥମେ ପାଦେ ଆକାଶ ଓ ତାପରେ ବୋଉ ବୁଟୁ ଭୂତ ଭଳି ଫିଲ୍ମରେ ଅଭିନୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ସବୁବେଳେ ସେ କାହାଣୀକୁ ନେଇ ଏକ୍ସପେରିମେଣ୍ଟ କରିଥାଆନ୍ତି ବୋଲି ତାଙ୍କ ଫ୍ୟାନମାନେ ମତ ଦେଇଛନ୍ତି ।